रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII—ଖଣ୍ଡ I

प्राधिकार से प्रकाशित
PUBLISHED BY THE AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6
ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

### (Legislative Department)

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲାଇୟାବିଲିଟି ଏକ୍ଟ, 1938, (12) ଦି କୋଗେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭାଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ମୋଟର ପରିବହନ ଶ୍ରମିକ ଅଧିନିୟମ, 1961

[ 1961ର ଅଧିନିୟମ ସଂଖ୍ୟା 27 ]

ମୋଟର ପରିବହନ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଉପବନ୍ଧିତ କରିବା ନିମିତ୍ତ ଏବଂ ସେମାନଙ୍କର କାର୍ଯ୍ୟର ସର୍ତ୍ତାବଳୀକୁ ବିନିୟମିତ କରିବା ନିମିତ୍ତ ଏକ ଅଧିନିୟମ ।

( 20 ମଇ, 1961 )

ଭାରତ ଗଣରାଜ୍ୟର ଦ୍ୱାଦଶ ବର୍ଷରେ ସଂସଦଦ୍ୱାରା ନିମ୍ନଲିଖିତ ରୂପେ ଏହା ଅଧିନିୟମିତ ହେଉ:—

## ଅଧ୍ୟାୟ I

### ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ବିସ୍ତାର, ପ୍ରାରମ୍ଭ ଓ ପ୍ରୟୋଗ ।

**1.** (1) ଏହି ଅଧିନିୟମ ମୋଟର ପରିବହନ ଶ୍ରମିକ ଅଧିନିୟମ, 1961 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଭାରତ ପ୍ରତି ବିସ୍ତୃତ ।

(3) ଏହା 1962 ମାର୍ଚ୍ଚ ମାସରେ 31ଶ ଦିବସ ପରେ ହୋଇ ନ ଥିବା ଏପରି ତାରିଖରେ ପ୍ରବୃତ୍ତ ହେବ ଯାହା କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ନିୟତ କରିବେ ଏବଂ ବିଭିନ୍ନ ରାଜ୍ୟ ଲାଗି ଭିନ୍ନ ଭିନ୍ନ ତାରିଖ ନିୟତ କରାଯାଇ ପାରିବ :

ପରନ୍ତୁ ଏହା ଜାମ୍ମୁ ଓ କାଶ୍ମୀର ରାଜ୍ୟରେ କେନ୍ଦ୍ର ଶ୍ରମ ବିଧି ( ଜାମ୍ମୁ ଓ କାଶ୍ମୀର ଉପରେ ବିସ୍ତାରଣ ) ଅଧିନିୟମ, 1970 ର ପ୍ରାରମ୍ଭ ହେଲେ ପ୍ରବୃତ୍ତ ହେବ ।

(4) ପାଞ୍ଚ ବା ତତୋଽଧିକ ମୋଟର ପରିବହନ ଶ୍ରମିକଙ୍କୁ ନିୟୋଜିତ କରୁଥିବା ପ୍ରତ୍ୟେକ ମୋଟର ପରିବହନ ଉଦ୍ୟୋଗ ପ୍ରତି ଏହା ଲାଗୁ ଅଟେ :

ପରନ୍ତୁ ରାଜ୍ୟ ସରକାର ସେପରି କରିବା ନେଇ ନିଜ ଅଭିପ୍ରାୟର ଅତି କମରେ ଦୁଇମାସର ସୂଚନା ଦେବା ପରେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ସକଳ ବା କୌଣସି ଉପବନ୍ଧକୁ ପାଞ୍ଚରୁ କମ ମୋଟର ପରିବହନ ଶ୍ରମିକଙ୍କୁ ନିୟୋଜିତ କରୁଥିବା କୌଣସି ମୋଟର ପରିବହନ ଉଦ୍ୟୋଗ ପ୍ରତି ଲାଗୁ କରି ପାରିବେ ।

ସଂଜ୍ଞା

**2.** ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନ ଥିଲେ, ଏହି ଅଧିନିୟମରେ:—

(କ) "କିଶୋର" ଅର୍ଥ ଚଉଦ ବର୍ଷ ପୂର୍ଣ୍ଣ ହୋଇଥିବା ମାତ୍ର ଅଠରବର୍ଷ ପୂର୍ଣ୍ଣ ହୋଇ ନ ଥିବା କୌଣସି ବ୍ୟକ୍ତି ;

(ଖ) "ବୟସ୍କ" ଅର୍ଥ ଅଠର ବର୍ଷ ପୂର୍ଣ୍ଣ ହୋଇଥିବା କୌଣସି ବ୍ୟକ୍ତି ;

(ଗ) "ଶିଶୁ" ଅର୍ଥ ଚଉଦବର୍ଷ ପୂର୍ଣ୍ଣ ହୋଇ ନ ଥିବା କୌଣସି ବ୍ୟକ୍ତି ;

(ଘ) "ଦିନ" ଅର୍ଥ ମଧ୍ୟରାତ୍ରିରୁ ଆରମ୍ଭ ହେଉଥିବା 24 ଘଣ୍ଟାର କାଳାବଧି :

ପରନ୍ତୁ ଯେଉଁ ସ୍ଥଳେ ମୋଟର ପରିବହନ ଶ୍ରମିକଙ୍କ କର୍ତ୍ତବ୍ୟକାଳ ମଧ୍ୟରାତ୍ରି ପୂର୍ବରୁ ଆରମ୍ଭ ହୁଏ, ମାତ୍ର ମଧ୍ୟରାତ୍ରିର ପରଯାଏ ବିସ୍ତାରିତ ହୁଏ ସେହି ସ୍ଥଳେ ତାହାଙ୍କ ଲାଗି ଆଗାମୀ ଦିନ ସେପରି କର୍ତ୍ତବ୍ୟକାଳ ସମାପ୍ତି ବେଳୁଁ ଆରମ୍ଭ ହୋଇ ଚବିଶଘଣ୍ଟାର କାଳାବଧି ରୂପେ ବିବେଚିତ ହେବ ଏବଂ ମଧ୍ୟରାତ୍ରି ପରେ ଯେତେଘଣ୍ଟା ସେ କାର୍ଯ୍ୟ କରିଥିବେ ସେତେଘଣ୍ଟା ପୂର୍ବ ଦିନରେ ଗଣନା କରାଯିବ,

(ଙ) କୌଣସି ମୋଟର ପରିବହନ ଉଦ୍ୟୋଗ ସଂକ୍ରାନ୍ତରେ 'ନିୟୋଜକ' ଅର୍ଥ ସେହି ବ୍ୟକ୍ତି ବା ପ୍ରାଧିକାରୀ ଯାହାଙ୍କର ମୋଟର ପରିବହନ ଉଦ୍ୟୋଗ ସମ୍ପର୍କିତ ବ୍ୟାପାର ଉପରେ ଚରମ ନିୟନ୍ତ୍ରଣ ଥାଏ ଏବଂ କୌଣସି ମ୍ୟାନେଜର, ମେନେଜିଂ ଡାଇରେକ୍ଟର, ମେନେଜିଂ ଏଜେଣ୍ଟ ଅଥବା ଅନ୍ୟ କୌଣସି ନାମରେ ନାମିତ କୌଣସି ବ୍ୟକ୍ତିଙ୍କୁ ଉକ୍ତ ବ୍ୟାପାର ନ୍ୟସ୍ତ କରାଯାଇଥିବା ସ୍ଥଳେ ସେପରି ଅନ୍ୟ ବ୍ୟକ୍ତି,

(ଚ) "କାର୍ଯ୍ୟ ସମୟ" ଅର୍ଥ ଯେଉଁ ସମୟ ମଧ୍ୟରେ କୌଣସି ମୋଟର ପରିବହନ ଶ୍ରମିକ ନିୟୋଜକଙ୍କର ବା ତାହାଙ୍କ ସେବା ଦାବି କରିବାକୁ ହକ୍‌ଦାର ଅନ୍ୟ କୌଣସି ବ୍ୟକ୍ତିଙ୍କର ଆଜ୍ଞାଧୀନ ଥାଆନ୍ତି, ସେହି ସମୟ ଏବଂ—

(i) ପରିବହନ ଯାନର ଚଳନ କାଳ ମଧ୍ୟରେ କରାଯାଇଥିବା କାର୍ଯ୍ୟରେ ବ୍ୟୟିତ ସମୟ;

(ii) ସହାୟକ କାର୍ଯ୍ୟରେ ବ୍ୟୟିତ ସମୟ; ଏବଂ

(iii) ମାର୍ଗାନ୍ତରେ ମାତ୍ର ପନ୍ଦର ମିନିଟରୁ କମ୍ ହାଜିରିର କାଳାବଧି

ଏହାର ଅନ୍ତର୍ଗତ ଅଟେ ।

**ସ୍ପଷ୍ଟୀକରଣ**—ଏହି ଖଣ୍ଡର ପ୍ରୟୋଜନ ନିମିତ୍ତ—

(1) "ଚଳନକାଳ" କହିଲେ କାର୍ଯ୍ୟ ଦିବସ ସମ୍ବନ୍ଧରେ ଏପରି ସମୟକୁ ବୁଝାଇବ ଯାହା କି କାର୍ଯ୍ୟ ଦିବସରେ ପରିବହନ ଯାନ କାମ ଆରମ୍ଭ କରିବା ସମୟଠାରୁ କାର୍ଯ୍ୟ ଦିବସ ଶେଷରେ ପରିବହନ ଯାନ କାର୍ଯ୍ୟ ବନ୍ଦ କରିବା ସମୟ ପର୍ଯ୍ୟନ୍ତ ଅଟେ, ଏବଂ ବିହିତ ହେବା କାଳାବଧିଠାରୁ ଯେଉଁ ଅଧିକ କାଳାବଧି ପାଇଁ ପରିବହନର ଚଳନ ବନ୍ଦ ରହେ ଏବଂ ଯେଉଁ କାଳାବଧି ମଧ୍ୟରେ ଯାନ ଚଳାଉଥିବା ବ୍ୟକ୍ତି ବା ପରିବହନ ଯାନ ସଂକ୍ରାନ୍ତ ଅନ୍ୟ କାର୍ଯ୍ୟ କରୁଥିବା ବ୍ୟକ୍ତି ନିଜ ସମୟ ନିଜ ଇଚ୍ଛାନୁସାରେ କଟାଇବାକୁ ମୁକ୍ତ ଥାଆନ୍ତି କିମ୍ବା ସହାୟକ କାର୍ଯ୍ୟରେ ଲଗି ରହି ଥାଆନ୍ତି ସେହି ସମୟ ତହିଁରୁ ବାଦ୍ ଦିଆଯିବ ।

(2) "ସହାୟକ କାର୍ଯ୍ୟ" ଅର୍ଥ ପରିବହନ ଯାନ, ତାହାର ଯାତ୍ରୀଗଣ ବା ତାହାର ବୋଝ ସଂକ୍ରାନ୍ତ କାର୍ଯ୍ୟ ଯାହା ପରିବହନ ଯାନର ଚଳନକାଳ ବାହାରେ କରାଯାଏ, ଏବଂ ବିଶେଷତଃ ନିମ୍ନଲିଖିତ ବିଷୟ ତହିଁର ଅନ୍ତର୍ଗତ ଅଟେ:—

(i) ହିସାବ, ନଗଦ ଜମା କରିବା, ରେଜିଷ୍ଟରରେ ଦସ୍ତଖତ କରିବା, ସେବାପତ୍ର ନ୍ୟସ୍ତ କରିବା, ଟିକେଟ ଯାଞ୍ଚ କରିବା ଏବଂ ସେହି ପ୍ରକାର ଅନ୍ୟ କାର୍ଯ୍ୟ ;

(ii) ପରିବହନ ଯାନ ଗ୍ରହଣ କରିବା ଓ ଗ୍ୟାରେଜରେ ରଖିବା ;

(iii) ଯେଉଁ ସ୍ଥାନରେ ବ୍ୟକ୍ତି କାମକୁ ଆସିବାର ଦସ୍ତଖତ କରନ୍ତି ସେଠାରୁ ପରିବହନ ଯାନକୁ ସେ ଗ୍ରହଣ କରିବା ସ୍ଥାନ ପର୍ଯ୍ୟନ୍ତ ଯାତ୍ରା କରିବା ଏବଂ ଯେଉଁ ସ୍ଥାନରେ ସେ ପରିବହନ ଯାନକୁ ଛାଡ଼ି ଦିଅନ୍ତି ସେଠାରୁ ସେ କାମରୁ ଫେରି ଯିବାର ଦସ୍ତଖତ କରିବା ସ୍ଥାନ ପର୍ଯ୍ୟନ୍ତ ଯାତ୍ରା କରିବା ;

(iv) ପରିବହନ ଯାନର ଅନୁରକ୍ଷଣ ଓ ମରାମତି ସଂକ୍ରାନ୍ତ କାର୍ଯ୍ୟ ; ଏବଂ

(v) ପରିବହନ ଯାନକୁ ବୋଝେଇ କରିବା ଓ ତହିଁରୁ ଖଲାସ କରିବା ;

(3) "ମାମୁଲି ହାଜିରି କାଳାବଧି" ଅର୍ଥ ଯେଉଁ କାଳାବଧି ମଧ୍ୟରେ କୌଣସି ବ୍ୟକ୍ତି ନିଜ ସ୍ଥାନରେ କେବଳ ଏଥିଲାଗି ରହନ୍ତି ଯେ ସଂଭାବ୍ୟ ଆହ୍ୱାନ ଅନୁପାଳନ କରିବେ ବା କର୍ତ୍ତବ୍ୟ ସୂଚୀରେ ସ୍ଥିର କରାଯାଇଥିବା ସମୟରେ କାର୍ଯ୍ୟ ପୁନରାରମ୍ଭ କରିବେ, ସେହି କାଳାବଧି ।

(ଛ) "ମୋଟର ପରିବହନ ଉଦ୍ୟୋଗ" ଅର୍ଥ ସଡ଼କ ଦ୍ୱାରା ଯାତ୍ରୀମାନଙ୍କୁ ବା ମାଲ ବା ଉଭୟ ଭଡ଼ା ବା ପାରିତୋଷିକ ନେଇ ବହନ କରାଯିବାରେ ନ୍ୟସ୍ତ କୌଣସି ମୋଟର ପରିବହନ ଉଦ୍ୟୋଗ ଏବଂ କୌଣସି ଘରୋଇ ବାହକ ତହିଁର ଅନ୍ତର୍ଗତ ହେବ;

(ଜ) "ମୋଟର ପରିବହନ ଶ୍ରମିକ" ଅର୍ଥ କୌଣସି ପରିବହନ ଯାନରେ ବୃତ୍ତିଗତ କ୍ଷମତାରେ କାର୍ଯ୍ୟ କରିବା ନିମିତ୍ତ ଅଥବା ଯେପରି ପରିବହନ ଯାନର ଆଗମନ, ପ୍ରସ୍ଥାନ ବୋଝେଇ ବା ତହିଁରୁ ବୋଝ ଖଲାସ କରିବା ସଂକ୍ରାନ୍ତ କର୍ତ୍ତବ୍ୟ କରିବା ନିମିତ୍ତ, ମଜୁରି ଲାଗି ହେଉ ବା ମଜୁରି ବିନା

ହେଉ ପ୍ରତ୍ୟକ୍ଷ ଭାବେ ବା କୌଣସି ଏଜେନ୍‌ସି ମାଧ୍ୟମରେ ମୋଟର ପରିବହନ ଉଦ୍ୟୋଗରେ ନିଯୋଜିତ କୌଣସି ବ୍ୟକ୍ତି ଏବଂ କୌଣସି ଡ୍ରାଇଭର, କଣ୍ଡକ୍ଟର, କ୍ଲିନର, ଷ୍ଟେସନ କର୍ମଚାରୀବୃନ୍ଦ, ଲାଇନ ଯାଞ୍ଚ କର୍ମଚାରୀବୃନ୍ଦ, ଟିକଟ ବିକ୍ରୟ କିରାଣି, ରେକର୍ଡ଼ କିରାଣି, ଡ୍ୟୁଟି କିରାଣି ଟାଇମ-କିପର, ଜଗୁଆଳୀ ବା ପରିଚାରକଙ୍କୁ ଅନ୍ତର୍ଗତ କରିବ, ମାତ୍ର ଧାରା ୪ ରେ ଥିବା ଭିନ୍ନ——

(*i*) କାରଖାନା ଅଧିନିୟମ, 194୪ ରେ ସଂଜ୍ଞାକୃତ ହୋଇଥିବାମତେ କୌଣସି କାରଖାନାରେ ନିଯୋଜିତ କୌଣସି ବ୍ୟକ୍ତିଙ୍କୁ,

(*ii*) ଦୋକାନ ବା ବାଣିଜ୍ୟିକ ସଂସ୍ଥାଗୁଡ଼ିକରେ ନିଯୋଜିତ ବ୍ୟକ୍ତିମାନଙ୍କ ସେବା ସର୍ତ୍ତାବଳୀ ବିନିୟମିତ କରୁଥିବା ତତ୍ ସମୟ ପ୍ରବୃତ୍ତ କୌଣସି ବିଧିର ଉପବନ୍ଧମାନ ଲାଗୁ ହେଉଥିବା କୌଣସି ବ୍ୟକ୍ତିଙ୍କୁ,

ଅନ୍ତର୍ଗତ କରିବ ନାହିଁ;

(ଝ) "ବିହିତ" ଅର୍ଥ ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ;

(ଞ) "ଯୋଗ୍ୟତାପ୍ରାପ୍ତ ଚିକିତ୍ସା ବ୍ୟବସାୟୀ" ଅର୍ଥ ଭାରତୀୟ ଚିକିତ୍ସା ଉପାଧି ଅଧିନିୟମ, 1916 ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ବା ସେହି ଅଧିନିୟମର ଧାରା 3 ରେ ଅଧିସୂଚିତ ବା ଭାରତୀୟ ଚିକିତ୍ସା ପରିଷଦ ଅଧିନିୟମ, 1956 ର ଅନୁସୂଚୀଗୁଡ଼ିକରେ ବିନିର୍ଦ୍ଦିଷ୍ଟ କୌଣସି ପ୍ରାଧିକାରୀଙ୍କ ଦ୍ୱାରା ଅନୁଦତ୍ତ କୌଣସି ପ୍ରମାଣପତ୍ର ପାଇଥିବା କୌଣସି ବ୍ୟକ୍ତି ଏବଂ କୌଣସି ପ୍ରାନ୍ତୀୟ ବା ରାଜ୍ୟ ଚିକିତ୍ସା ପରିଷଦ ଅଧିନିୟମ ଅଧୀନରେ ଅନୁଦତ୍ତ କୌଣସି ପ୍ରମାଣପତ୍ର ପାଇଥିବା କୌଣସି ବ୍ୟକ୍ତିଙ୍କୁ ତାହା ଅନ୍ତର୍ଗତ କରିବ·

(ଟ) "ବିସ୍ତୃତି" ଅର୍ଥ କୌଣସି ଦିନ କର୍ତ୍ତବ୍ୟର ପ୍ରାରମ୍ଭ ଓ ସେହି ଦିନ କର୍ତ୍ତବ୍ୟର ଅବସାନ ମଧ୍ୟରେ ଥିବା କାଳାବଧି;

(ଠ) "ମଜୁରି"ର ଅର୍ଥ ମଜୁରି ସଂଦାୟ ଅଧିନିୟମ, 1936 ର ଧାରା 2ର ଖଣ୍ଡ (ଚ) ରେ ତାହାକୁ ସମନୁଦେଶିତ ଅର୍ଥ ହେବ;

(ଡ) "ସପ୍ତାହ ଅର୍ଥ ଶନିବାର ମଧ୍ୟରାତ୍ରି ଏବଂ ଠିକ୍ ପରବର୍ତ୍ତୀ ଶନିବାର ମଧ୍ୟରାତ୍ରି ମଧ୍ୟରେ ଥିବା କାଳାବଧି;

(ଢ) ଅନ୍ୟ ସମସ୍ତ ଶବ୍ଦାବଳୀ ଓ ଅଭିବ୍ୟକ୍ତିମାନ ଯାହା ଏହି ଅଧିନିୟମରେ ବ୍ୟବହୃତ ହୋଇଅଛି ମାତ୍ର ସଂଜ୍ଞାକୃତ ହୋଇନାହିଁ ଏବଂ ମୋଟର ଯାନ ଅଧିନିୟମ, 1939 ରେ ସଂଜ୍ଞାକୃତ ହୋଇଅଛି ତାହାର ସେହି ଅଧିନିୟମରେ ସେଗୁଡ଼ିକୁ ଯଥାକ୍ରମେ ସମାନୁଦେଶିତ ଅର୍ଥ ହେବ ।

## ଅଧ୍ୟାୟ II

### ମୋଟର ପରିବହନ ଉଦ୍ୟୋଗର ରେଜେଷ୍ଟ୍ରୀକରଣ

ମୋଟର ପରିବହନ ଉଦ୍ୟୋଗର ରେଜେଷ୍ଟ୍ରୀକରଣ ।

**3.** (1) ଏହି ଅଧିନିୟମ ଲାଗୁ ହେଉଥିବା କୌଣସି ମୋଟର ପରିବହନ ଉଦ୍ୟୋଗର ପ୍ରତ୍ୟେକ ନିଯୋଜକ ଏହି ଅଧିନିୟମ ଅଧୀନରେ ଉଦ୍ୟୋଗକୁ ରେଜେଷ୍ଟ୍ରୀ କରାଇବେ ।

(2) ମୋଟର ପରିବହନ ଉଦ୍ୟୋଗର ରେଜେଷ୍ଟ୍ରୀକରଣ ଲାଗି କୌଣସି ଆବେଦନ ନିଯୋଜକଙ୍କ ଦ୍ୱାରା ବିହିତ ପ୍ରାଧିକାରୀଙ୍କୁ ବିହିତ ହୋଇଥିବା ଫର୍ମରେ ଏବଂ ବିହିତ ସମୟ ମଧ୍ୟରେ ଦିଆଯିବ ।

(3) ଯେଉଁ ସ୍ଥଳେ କୌଣସି ମୋଟର ପରିବହନ ଉଦ୍ୟୋଗ ଏହି ଅଧିନିୟମ ଅଧୀନରେ ରେଜେଷ୍ଟ୍ରୀଭୁକ୍ତ କରାଯାଏ ସେହି ସ୍ଥଳେ ନିଯୋଜକଙ୍କୁ ବିହିତ ହୋଇଥିବା ବିବରଣ ଥାଇ ଏକ ରେଜେଷ୍ଟ୍ରୀକରଣ ପ୍ରମାଣପତ୍ର ଦିଆଯିବ ।

## ଅଧ୍ୟାୟ III

### ନିରୀକ୍ଷକ କର୍ମଚାରୀବୃନ୍ଦ

ମୁଖ୍ୟ ନିରୀକ୍ଷକ ଓ ନିରୀକ୍ଷକଗଣ ।

**4.** (1) ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା, ରାଜ୍ୟ ସରକାର ସମ୍ୟକ ରୂପେ ଯୋଗ୍ୟତାପ୍ରାପ୍ତ କୌଣସି ବ୍ୟକ୍ତିଙ୍କୁ ରାଜ୍ୟପାଇଁ ମୁଖ୍ୟ ନିରୀକ୍ଷକ ଏବଂ ମୁଖ୍ୟ ନିରୀକ୍ଷକଙ୍କ ଅଧସ୍ତନ ଥାଇ ସରକାର ଉଚିତ ମନେ କରିବା ସଂଖ୍ୟାରେ ସମ୍ୟକ ରୂପେ ଯୋଗ୍ୟତାପ୍ରାପ୍ତ ନିରୀକ୍ଷକ ନିଯୁକ୍ତ କରି ପାରିବେ ।

(2) ମୁଖ୍ୟ ନିରୀକ୍ଷକ, ଯେଉଁ ସ୍ଥାନୀୟ ଅଞ୍ଚଳ ମଧ୍ୟରେ ନିରୀକ୍ଷକମାନେ ସେମାନଙ୍କ କ୍ଷମତା ଏହି ଅଧିନିୟମ ଅଧୀନରେ ପ୍ରୟୋଗ କରିବେ ତାହା ଘୋଷଣା କରି ପାରିବେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ତାହାକୁ ସମନୁଦେଶିତ ହେବା ସେପରି ଅଞ୍ଚଳ ମଧ୍ୟରେ କୌଣସି ନିରୀକ୍ଷକଙ୍କ କ୍ଷମତା ନିଜେ ପ୍ରୟୋଗ କରି ପାରିବେ ।

(3) ମୁଖ୍ୟ ନିରୀକ୍ଷକ ଓ ସମସ୍ତ ନିରୀକ୍ଷକ ଭାରତୀୟ ଦଣ୍ଡ ସଂହିତାର ଧାରା 21 ର ଅର୍ଥ ମଧ୍ୟରେ ଲୋକ ସେବକ ରୂପେ ବିବେଚିତ ହେବେ ।

ନିରୀକ୍ଷକଗଣଙ୍କ କ୍ଷମତା ।

**5.** (1) ସାଧାରଣ ବା ବିଶେଷ ଆଦେଶ ବଳରେ ରାଜ୍ୟ ସରକାର ଆରୋପ କରିଥିବା ସର୍ତ୍ତାବଳୀ ଓ ନିବନ୍ଧନର ସାପେକ୍ଷ ହୋଇ ମୁଖ୍ୟ ନିରୀକ୍ଷକ ବା କୌଣସି ନିରୀକ୍ଷକ---

(କ) ଏହି ଅଧିନିୟମର ବା ତଦ୍‌ଧୀନ ପ୍ରଣୀତ ନିୟମାବଳୀର ଉପବନ୍ଧଗୁଡ଼ିକୁ କୌଣସି ମୋଟର ପରିବହନ ଉଦ୍ୟୋଗ କ୍ଷେତ୍ରରେ ଅନୁପାଳନ କରାଯାଇଛି କି ନାହିଁ ବୋଲି ଅଭିନିଶ୍ଚିତ କରିବା ଉଦ୍ଦେଶ୍ୟରେ ସେ ଉଚିତ ମନେକରିବାମତେ ପରୀକ୍ଷା ଓ ଯାଞ୍ଚ କରି ପାରିବେ ଏବଂ ସେହି ଉଦ୍ଦେଶ୍ୟରେ ପରିବହନ ଯାନକୁ ଅଟକାଇବାକୁ ଓ ଯୁକ୍ତିଯୁକ୍ତ ଭାବେ ଆବଶ୍ୟକ ହେବା ପର୍ଯ୍ୟନ୍ତ ନିଶ୍ଚଳ ରଖାଇବାକୁ କୌଣସି ପରିବହନ ଯାନର ଚାଳକଙ୍କୁ ଆବଶ୍ୟକ କରିପାରିବେ :

(ଖ) ସେ ଉଚିତ ମନେକରିବା ସହାୟତା ସହିତ ଯଦି କିଛି ଥାଏ ଯେଉଁ ପରିସର କୌଣସି ମୋଟର ପରିବହନ ଉଦ୍ୟୋଗର ଉପଯୋଗ ବା ଅଧିଭୋଗରେ ଥିବାର ବିଶ୍ୱାସ କରିବାକୁ ତାହାଙ୍କର କାରଣ ଥାଏ କୌଣସି ଯୁକ୍ତିଯୁକ୍ତ ସମୟରେ ଏହି ଅଧିନିୟମର ଅଭିପ୍ରାୟମାନ ପାଳନ କରିବା ଉଦ୍ଦେଶ୍ୟରେ ତହିଁରେ ପ୍ରବେଶ କରି ପାରିବେ, ତାହାକୁ ନିରୀକ୍ଷଣ କରି ପାରିବେ ଏବଂ ତଲାସି କରି ପାରିବେ;

(ଗ) କୌଣସି ମୋଟର ପରିବହନ ଉଦ୍ୟୋଗରେ ନିୟୋଜିତ କୌଣସି ମୋଟର ପରିବହନ ଶ୍ରମିକଙ୍କୁ ପରୀକ୍ଷା କରିପାରିବେ ବା ସେହି ଅଧିନିୟମ ଅନୁସରଣରେ ରଖାଯାଇଥିବା କୌଣସି ରେଜିଷ୍ଟର ବା ଅନ୍ୟ ଦଲିଲ ପେଶ କରାଯିବା ଆବଶ୍ୟକ କରିପାରିବେ ଏବଂ ସେହି ସ୍ଥାନରେ ବା ଅନ୍ୟଠାରେ ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକୁ ପାଳନ କରିବା ପାଇଁ ସେ ଆବଶ୍ୟକ ମନେ କରୁଥିବା ବିବରଣ ନେଇ ପାରିବେ;

(ଘ) ଏହି ଅଧିନିୟମ ଅଧୀନ ଯେଉଁ ଅପରାଧ କୌଣସି ନିୟୋଜକଙ୍କ ଦ୍ୱାରା କରାଯାଇଛି ବୋଲି ବିଶ୍ୱାସ କରିବାକୁ ତାହାଙ୍କର କାରଣ ଥାଏ ତାହା ସଂପର୍କରେ ସେ ସୁସଙ୍ଗତ ମନେକରିବା ରେଜିଷ୍ଟର ବା ଦଲିଲଗୁଡ଼ିକୁ ବା ତାହାର ଅଂଶଗୁଡ଼ିକୁ ଜବତ କରିପାରିବେ ଅଥବା ତାହାର ନକଲ ନେଇ ପାରିବେ;

(ଙ) ବିହିତ ହେବା ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିପାରିବେ:

ପରନ୍ତୁ ଏହି ଉପଧାରା ଅଧୀନରେ କୌଣସି ବ୍ୟକ୍ତିଙ୍କୁ ଏପରି କୌଣସି ପ୍ରଶ୍ନର ଉତ୍ତର ଦେବାକୁ ବା ଏପରି କୌଣସି ବିବୃତି ଦେବାକୁ ବାଧ୍ୟ କରାଯିବ ନାହିଁ ଯାହାକି ତାହାଙ୍କୁ ଅଭିଯୁକ୍ତ କରିପାରିବ ।

(2) ଦଣ୍ଡ ପ୍ରକ୍ରିୟା ସଂହିତା, ୧୮୯୮ର ଉପବନ୍ଧମାନ ଏହି ଧାରା ଅଧୀନ କୌଣସି ତଲାସି ବା ଜବତ ପ୍ରତି ଯଥାଶକ୍ୟ ଲାଗୁ ହେବ ଯେପରି ସେଗୁଡ଼ିକ ଉକ୍ତ ସଂହିତାର ଧାରା ୨୪ ଅଧୀନରେ ପ୍ରେରିତ କୌଣସି ୱାରେଣ୍ଟର ପ୍ରାଧିକାର ଅଧୀନରେ କରାଯାଇଥିବା ତଲାସି ଓ ଜବତ ପ୍ରତି ଲାଗୁ ହୁଏ ।

ନିରୀକ୍ଷକମାନଙ୍କୁ ଦିଆଯାଇଥିବା ସୁବିଧାମାନ । 6. ପ୍ରତ୍ୟେକ ନିୟୋଜକ, ମୁଖ୍ୟ ନିରୀକ୍ଷକଙ୍କୁ ଓ କୌଣସି ନିରୀକ୍ଷକଙ୍କୁ ଏହି ଅଧିନିୟମ ଅଧୀନ ପ୍ରବେଶ, ନିରୀକ୍ଷଣ, ପରୀକ୍ଷା ବା ଯାଞ୍ଚ କରିବାଲାଗି ସକଳ ଯୁକ୍ତିଯୁକ୍ତ ସୁବିଧା ଦେବ ।

ପ୍ରମାଣକର୍ତ୍ତା ସର୍ଜନ । 7. (1) ରାଜ୍ୟ ସରକାର ଯୋଗ୍ୟତାପ୍ରାପ୍ତ ଚିକିତ୍ସା ବ୍ୟବସାୟୀଙ୍କୁ ଏପରି ସ୍ଥାନୀୟ ସୀମା ମଧ୍ୟରେ ବା ଏପରି ମୋଟର ପରିବହନ ଉଦ୍ୟୋଗ ବା କୌଣସି ଶ୍ରେଣୀର ମୋଟର ପରିବହନ ଉଦ୍ୟୋଗ ଲାଗି ଯାହାକି ରାଜ୍ୟ ସରକାର ଯଥାକ୍ରମେ, ସମନୁଦେଶିତ କରିପାରିବେ, ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ ପ୍ରମାଣକର୍ତ୍ତା ସର୍ଜନ ରୂପେ ନିଯୁକ୍ତ କରିପାରିବେ ।

(2) ପ୍ରମାଣକର୍ତ୍ତା ସର୍ଜନ—

(କ) ମୋଟର ପରିବହନ ଶ୍ରମିକଙ୍କ ପରୀକ୍ଷା ଓ ପ୍ରମାଣନ ;

(ଖ) ଯେଉଁ ସ୍ଥଳେ କିଶୋରଗଣ କୌଣସି ମୋଟର ପରିବହନ ଉଦ୍ୟୋଗରେ ସେମାନଙ୍କ ସ୍ୱାସ୍ଥ୍ୟକୁ କ୍ଷତି କରାଇବାର ସମ୍ଭାବନା ଥିବା ପରି କୌଣସି କାମରେ ମୋଟର ପରିବହନ ଶ୍ରମିକ ରୂପେ ନିୟୋଜିତ କରାଯାଆନ୍ତି ବା କରାଯିବାର ଥାଏ ସେହି ସ୍ଥଳେ ବିହିତ ହେବାମତେ ସେପରି ଚିକିତ୍ସୀୟ ପର୍ଯ୍ୟବେକ୍ଷଣ କରିବା,

ସଂକ୍ରାନ୍ତରେ ବିହିତ ହେବା କର୍ତ୍ତବ୍ୟ ପାଳନ କରିବେ ।

## ଅଧ୍ୟାୟ IV

### କଲ୍ୟାଣ ଓ ସ୍ୱାସ୍ଥ୍ୟ

କ୍ୟାଣ୍ଟିନ 8. (1) ରାଜ୍ୟ ସରକାର ଏହା ଆବଶ୍ୟକ କରି ନିୟମାବଳୀ ପ୍ରଣୟନ କରିପାରିବେ ଯେ ଯେଉଁ ପ୍ରତ୍ୟେକ ସ୍ଥାନକୁ ସାଧାରଣତଃ କୌଣସି ମୋଟର ପରିବହନ ଉଦ୍ୟୋଗରେ ନିୟୋଜିତ ଏକଶହ ବା ତତୋଧିକ ମୋଟର ପରିବହନ ଶ୍ରମିକ ପ୍ରତିଦିନ କାମ କରିବାକୁ ଆସନ୍ତି ସେପରି ସ୍ଥାନରେ ଏକ ବା ଅଧିକ କ୍ୟାଣ୍ଟିନ୍ ମୋଟର ପରିବହନ ଶ୍ରମିକଙ୍କ ଉପଯୋଗ ଲାଗି ନିୟୋଜକଙ୍କ ଦ୍ୱାରା ବ୍ୟବସ୍ଥା କରାଯିବ ଓ ଅନୁରକ୍ଷିତ ହେବ ।

(2) ପୂର୍ବବର୍ତ୍ତୀ କ୍ଷମତାର ବ୍ୟାପକତା ପ୍ରତି ଆଞ୍ଚ ନ ଆଣି ସେହି ନିୟମାବଳୀ ନିମ୍ନୋକ୍ତ ବିଷୟ ଉପବନ୍ଧିତ କରିପାରିବ:—

(କ) କେଉଁ ତାରିଖ ସୁଦ୍ଧା କ୍ୟାଣ୍ଟିନ ବ୍ୟବସ୍ଥା କରାଯିବ,

(ଖ) କେତେ ସଂଖ୍ୟକ କ୍ୟାଣ୍ଟିନ ବ୍ୟବସ୍ଥା କରାଯିବ ଏବଂ କ୍ୟାଣ୍ଟିନର ନିର୍ମାଣ, ସ୍ଥାନ ବ୍ୟବସ୍ଥା, ଆସବାବ ଓ ଅନ୍ୟ ଉପକରଣ ସଂପର୍କିତ ସ୍ତରମାନ,

(ଗ) କେଉଁ ଖାଦ୍ୟ ପଦାର୍ଥ ସେଠାରେ ଦିଆଯାଇପାରିବ ଏବଂ ତାହାର କେତେ ମୂଲ୍ୟ ରଖାଯାଇ ପାରିବ,

(ଘ) କ୍ୟାଣ୍ଟିନ ଲାଗି ଏକ ପରିଚାଳକ କମିଟିର ଗଠନ ଏବଂ କ୍ୟାଣ୍ଟିନର ପରିଚାଳନାରେ ମୋଟର ପରିବହନ ଶ୍ରମିକମାନଙ୍କର ପ୍ରତିନିଧିତ୍ୱ ।

(3) ରାଜ୍ୟ ସରକାର ଉପଧାରା (2) ର ଖଣ୍ଡ (ଗ) ବିଷୟରେ ନିୟମାବଳୀ ପ୍ରଣୟନ କରିବା କ୍ଷମତା ମୁଖ୍ୟ ନିରୀକ୍ଷକଙ୍କୁ ସେ ଯେଉଁ ସର୍ତ୍ତ ଆରୋପ କରିବେ ତାହାର ସାପେକ୍ଷତାରେ ପ୍ରତ୍ୟାଯୋଜିତ କରିପାରିବେ ।

ବିଶ୍ରାମ କକ୍ଷ 9. (1) କୌଣସି ମୋଟର ପରିବହନ ଉଦ୍ୟୋଗରେ ନିୟୋଜିତ ମୋଟର ପରିବହନ ଶ୍ରମିକଗଣ ଯେଉଁ ସ୍ଥାନରେ ରାତ୍ରିରେ ରହିଯିବା ଆବଶ୍ୟକ ହୁଏ ସେଭଳି ପ୍ରତ୍ୟେକ ସ୍ଥାନରେ ସେହି ମୋଟର ପରିବହନ ଶ୍ରମିକଙ୍କ ଉପଯୋଗ ଲାଗି ବିହିତ ହେବାମତେ ସେଭଳି ସଂଖ୍ୟକ ବିଶ୍ରାମ କକ୍ଷ ବା ସେଭଳି ଅନ୍ୟ ଉପଯୁକ୍ତ ବିକଳ୍ପ ବାସ ସୁବିଧା ନିୟୋଜକଙ୍କ ଦ୍ୱାରା ବ୍ୟବସ୍ଥା କରାଯିବ ଓ ଅନୁରକ୍ଷିତ ହେବ ।

(2) ଉପଧାରା (1) ଅଧୀନରେ ବ୍ୟବସ୍ଥିତ ବିଶ୍ରାମ କକ୍ଷ ବା ବିକଳ୍ପ ବାସ ସୁବିଧା ପର୍ଯ୍ୟାପ୍ତ ପରିମାଣରେ ଆଲୋକିତ ହେବ ଓ ତହିଁରେ ପର୍ଯ୍ୟାପ୍ତ ପରିମାଣରେ ବାୟୁ ସଞ୍ଚାଳିତ କରାଯିବ ଏବଂ ତାହା ପରିଷ୍କାର ଓ ସ୍ବଚ୍ଛନ୍ଦ ଅବସ୍ଥାରେ ଅନୁରକ୍ଷିତ ହେବ ।

(3) ଏହି ଧାରା ଅଧୀନରେ ବ୍ୟବସ୍ଥା କରାଯିବା ବିଶ୍ରାମ କକ୍ଷ ବା ବିକଳ୍ପ ବାସ ସୁବିଧାର ନିର୍ମାଣ, ବାସ ବ୍ୟବସ୍ଥା, ଆସବାସ ଓ ଅନ୍ୟ ଉପକରଣ ବିଷୟରେ ରାଜ୍ୟ ସରକାର ଫରମାନ ବିହିତ କରିପାରିବେ ।

**ଉର୍ଦ୍ଦି**

10. (1) ରାଜ୍ୟ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା କୌଣସି ମୋଟର ପରିବହନ ଉଦ୍ୟୋଗରେ କୌଣସି ନିଯୋଜକଙ୍କୁ ସେହି ଉଦ୍ୟୋଗରେ ନିୟୋଜିତ ଡ୍ରାଇଭର, କଣ୍ଡକ୍ଟର ଓ ଲାଇନ ଯାଞ୍ଚ କର୍ମଚାରୀବୃନ୍ଦଙ୍କ ଲାଗି ବର୍ଷା ଓ ଶୀତରୁ ସେମାନଙ୍କୁ ସୁରକ୍ଷା ନିମନ୍ତେ ନିୟମାବଳୀରେ ବିନିର୍ଦ୍ଦିଷ୍ଟ ହେବାମତେ ସେହି ସଂଖ୍ୟକ ସେହି ପ୍ରକାରର ଉର୍ଦ୍ଦି, ବର୍ଷାତି ବା ଅନ୍ୟାନ୍ୟ ସୁଖସୁବିଧାର ବ୍ୟବସ୍ଥା କରିବାକୁ ଆବଶ୍ୟକ କରି ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିହିତ ହେବା ହାରରେ ଉପଧାରା (1) ଅଧୀନରେ ବ୍ୟବସ୍ଥିତ ଉର୍ଦ୍ଦିର ଧୋଲେଇ ଲାଗି ଏକ ଭତ୍ତା ନିଯୋଜକଙ୍କ ଦ୍ୱାରା ଡ୍ରାଇଭର, କଣ୍ଡକ୍ଟର ଓ ଲାଇନ ଯାଞ୍ଚ କର୍ମଚାରୀବୃନ୍ଦଙ୍କୁ ଦିଆଯିବ :

ପରନ୍ତୁ ଯେଉଁ ନିଯୋଜକ ତାହାଙ୍କ ନିଜ ଖର୍ଚ୍ଚରେ ଉର୍ଦ୍ଦି ଧୋଲେଇ ଲାଗି ଯଥାଯୋଗ୍ୟ ବନ୍ଦୋବସ୍ତ କରିଥିବେ ତାହାଙ୍କ ଦ୍ୱାରା ସେପରି କୌଣସି ଭତ୍ତା ଦେୟ ହେବ ନାହିଁ ।

**ଚିକିତ୍ସୀୟ ସୁବିଧା ।**

11. ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ ହେବା ସଞ୍ଚାଳନ କେନ୍ଦ୍ର ଓ ରହଣୀ ସ୍ଥାନରେ ମୋଟର ପରିବହନ ଶ୍ରମିକଙ୍କ ଲାଗି ଏପରି ଚିକିତ୍ସୀୟ ସୁବିଧା ନିଯୋଜକଙ୍କ ଦ୍ୱାରା ବ୍ୟବସ୍ଥା କରାଯିବ ଓ ଅନୁରକ୍ଷିତ ହେବ ଯାହାକି ତାହାକୁ ସହଜରେ ମିଳିପାରିବ ।

**ପ୍ରାଥମିକ ଉପଚାରର ସୁବିଧା ।**

12. (1) ପ୍ରତ୍ୟେକ ପରିବହନ ଯାନରେ ବିହିତ ବସ୍ତୁରେ ସଜ୍ଜିତ ଏକ ପ୍ରାଥମିକ ଉପଚାର ବାକ୍ସ ନିଯୋଜକଙ୍କ ଦ୍ୱାରା ଏପରି ବ୍ୟବସ୍ଥା କରାଯିବ ଓ ଅନୁରକ୍ଷିତ ହେବ ଯେପରିକି ତାହା ସମସ୍ତ କାର୍ଯ୍ୟ ସମୟରେ ସହଜଲବ୍ଧ ହେଉଥିବ ।

(2) ବିହିତ ହେବା ବସ୍ତୁ ଭିନ୍ନ ଅନ୍ୟ କିଛି ପ୍ରାଥମିକ ଉପଚାର ବାକ୍ସରେ ରଖାଯିବ ନାହିଁ ।

(3) ପରିବହନ ଯାନର ଡ୍ରାଇଭର ବା କଣ୍ଡକ୍ଟରଙ୍କ ଦାୟିତ୍ୱରେ ପ୍ରଥମୋପଚାର ବାକ୍ସ ରଖାଯିବ ଓ ତାହାର ଉପଯୋଗ ଲାଗି ତାହାଙ୍କୁ ପ୍ରଶିକ୍ଷଣ ନିମନ୍ତେ ସୁବିଧା ଦିଆଯିବ ।

## ଅଧ୍ୟାୟ V

### ନିୟୋଜନ ସମ୍ପର୍କିତ ସମୟ ଓ ନିବନ୍ଧନ

**ବୟସ୍କ ମୋଟର ପରିବହନ ଶ୍ରମିକଙ୍କ ଲାଗି କାର୍ଯ୍ୟ ସମୟ ।**

13. କୌଣସି ବୟସ୍କ ମୋଟର ପରିବହନ ଶ୍ରମିକଙ୍କୁ କୌଣସି ଦିନରେ ଆଠ ଘଣ୍ଟା ଏବଂ କୌଣସି ସପ୍ତାହରେ ଅଠଚାଳିଶ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବାକୁ ଆବଶ୍ୟକ କରାଯିବ ନାହିଁ ବା ଅନୁମତି ଦିଆଯିବ ନାହିଁ:

ପରନ୍ତୁ ଯେଉଁ ସ୍ଥଳେ ସେଭଳି କୌଣସି ମୋଟର ପରିବହନ ଶ୍ରମିକ ବିହିତ ପ୍ରାଧିକାରୀଙ୍କ ଦ୍ୱାରା ବିହିତ ରୀତିରେ ଅଧିସୂଚିତ ହୋଇଥିବା ବହୁ ଦୂର ମାର୍ଗ ଉପରେ ବା ଉତ୍ସବ ବା ଅନ୍ୟ ଘଟଣାରେ କୌଣସି ମୋଟର ପରିବହନ ସେବାରେ ଚାଳନାରେ କାର୍ଯ୍ୟରତ ଥାଆନ୍ତି ସେହିସ୍ଥଳେ ନିଯୋଜକ ସେପରି ପ୍ରାଧିକାରୀଙ୍କ ଅନୁମୋଦନ କ୍ରମେ ସେଭଳି ମୋଟର ପରିବହନ ଶ୍ରମିକଙ୍କୁ କୌଣସି ଦିନରେ ଆଠଘଣ୍ଟା ଏବଂ କୌଣସି ସପ୍ତାହରେ ଅଠଚାଳିଶ ଘଣ୍ଟାରୁ ଅଧିକ ସମୟ ଲାଗି କାର୍ଯ୍ୟ କରିବାକୁ ଆବଶ୍ୟକ କରାଇ ପାରିବେ ବା ଅନୁମତି ଦେଇ ପାରିବେ ମାତ୍ର କୌଣସି କ୍ଷେତ୍ରରେ, ଯଥାସ୍ଥିତି, କୌଣସି ଦିନରେ ଦଶ ଘଣ୍ଟା ଓ କୌଣସି ସପ୍ତାହରେ ଚଉବନ ଘଣ୍ଟାରୁ ଅଧିକ ସମୟ ଲାଗି କାର୍ଯ୍ୟ କରିବାକୁ ଆବଶ୍ୟକ କରିପାରିବେ ନାହିଁ ବା ଅନୁମତି ଦେଇ ପାରିବେ ନାହିଁ ।

ପୁନଶ୍ଚ କୌଣସି ମୋଟର ପରିବହନ ସେବା ଅଚଳ ହେବା ବା ଅସ୍ତବ୍ୟସ୍ତ ହେବା କିମ୍ବା ଯାତାୟତରେ ବାଧା ଜନ୍ମିବା ବା ଦୈବୀ ଦୁର୍ବିପାକ ସ୍ଥଳେ ନିୟୋଜକ ସେପରି କୌଣସି ମୋଟର ପରିବହନ ଶ୍ରମିକଙ୍କୁ କୌଣସି ଦିନରେ ଆଠ ଘଣ୍ଟା ବା କୌଣସି ସପ୍ତାହରେ ଅଠଚାଳିଶ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବାକୁ ବିହିତ ହେବା ସର୍ତ୍ତାବଳୀ ଓ ନିର୍ବନ୍ଧନଗୁଡ଼ିକ ପ୍ରତି ସାପେକ୍ଷ ହୋଇ ଆବଶ୍ୟକ କରିପାରିବେ ବା ଅନୁମତି ଦେଇ ପାରିବେ ।

ମୋଟର ପରିବହନ ଶ୍ରମିକରୂପେ ନିୟୋଜିତ କିଶୋରମାନଙ୍କ ଲାଗି କାର୍ଯ୍ୟ ସମୟ ।

14. କୌଣସି କିଶୋର କୌଣସି ମୋଟର ପରିବହନ ଉଦ୍ୟୋଗରେ ମୋଟର ପରିବହନ ଶ୍ରମିକରୂପେ କାର୍ଯ୍ୟ କରିବାକୁ :—

(କ) ଅଧଘଣ୍ଟାଏ ବିଶ୍ରାମ ଅନ୍ତରାଳ ସମେତ କୌଣସି ଦିନ ଛଅ ଘଣ୍ଟାରୁ ଅଧିକ ଲାଗି,

(ଖ) ରାତ୍ର 10 ଘଣ୍ଟାରୁ ସକାଳ 6 ଘଣ୍ଟା ମଧ୍ୟରେ ନିୟୋଜିତ କରାଯିବ ନାହିଁ କି ଆବଶ୍ୟକ କରାଯିବ ନାହିଁ ।

ବିଶ୍ରାମଲାଗି ଦୈନିକ ଅନ୍ତରାଳ ।

15. (1) ବୟସ୍କ ମୋଟର ପରିବହନ ଶ୍ରମିକଙ୍କ ସଂକ୍ରାନ୍ତରେ ପ୍ରତିଦିନର କାର୍ଯ୍ୟକ୍ରମ ସମୟ ଏପରି ସ୍ଥିରୀକୃତ ହେବ ଯେ କାର୍ଯ୍ୟର କୌଣସି କାଳାବଧି ପାଞ୍ଚ ଘଣ୍ଟାରୁ ଅଧିକ ହେବନାହିଁ ଏବଂ ସେଭଳି କୌଣସି ମୋଟର ପରିବହନ ଶ୍ରମିକ ଅନ୍ତତଃ ଅଧଘଣ୍ଟାଏ ବିଶ୍ରାମ ଅନ୍ତରାଳ ଭୋଗ କରିବା ପୂର୍ବରୁ ସେ ପାଞ୍ଚଘଣ୍ଟାରୁ ଅଧିକ କାମ କରିବେ ନାହିଁ :

ପରନ୍ତୁ ଏହି ଉପଧାରାର ଉପବନ୍ଧମାନ ତାହା ଯେତେଦୂର ବିଶ୍ରାମ ଲାଗି ଅନ୍ତରାଳ ସମ୍ବନ୍ଧରେ ହୋଇଥାଏ ସେହି ଦିନ ଛଅଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରିବାକୁ ଆବଶ୍ୟକ କରାଯାଉ ନ ଥିବା କୌଣସି ମୋଟର ପରିବହନ ଶ୍ରମିକଙ୍କ ପ୍ରତି ଲାଗୁ ହେବନାହିଁ ।

(2) ପ୍ରତିଦିନର କାର୍ଯ୍ୟ ସମୟ ଏଭଳି ସ୍ଥିରୀକୃତ ହେବ ଯେ, ମୋଟର ପରିବହନ ଶ୍ରମିକଙ୍କୁ ଧାରା 13ର ଦ୍ୱିତୀୟ ପରନ୍ତୁକରେ ନିର୍ଦ୍ଦେଶିତ କୌଣସି କ୍ଷେତ୍ର ଭିନ୍ନ କୌଣସି ଦିନ କର୍ତ୍ତବ୍ୟ କାଳର ଅବସାନ ଏବଂ ପରବର୍ତ୍ତୀ ଦିନରେ କର୍ତ୍ତବ୍ୟ କାଳର ପ୍ରାରମ୍ଭ ମଧ୍ୟରେ ଅନ୍ତତଃ କ୍ରମାଗତ ନଅ ଘଣ୍ଟା ବିଶ୍ରାମ କାଳାବଧି ଦିଆଯିବ ।

ବିସ୍ତୃତି

16. (1) କୌଣସି ବୟସ୍କ ମୋଟର ପରିବହନ ଶ୍ରମିକଙ୍କ କାର୍ଯ୍ୟ ସମୟ ଧାରା 13 ର ଦ୍ୱିତୀୟ ପରନ୍ତୁକରେ ନିର୍ଦ୍ଦେଶିତ କୌଣସି କ୍ଷେତ୍ର ଭିନ୍ନ, ଏଭଳି ବନ୍ଦୋବସ୍ତ କରାଯିବ ଯେ, ତାହାର ବିସ୍ତୃତି ଧାରା 15 ଅଧୀନ ବିଶ୍ରାମ ଅନ୍ତରାଳ ସମେତ କୌଣସି ଦିନ ବାର ଘଣ୍ଟାରୁ ଅଧିକ ହେବନାହିଁ ।

(2) କୌଣସି କିଶୋର ମୋଟର ପରିବହନ ଶ୍ରମିକଙ୍କ କାର୍ଯ୍ୟ ସମୟ ଏଭଳି ବନ୍ଦୋବସ୍ତ କରାଯିବ ଯେ, ତାହାର ବିସ୍ତୃତି ଧାରା 14 ଅଧୀନ ବିଶ୍ରାମ ଅନ୍ତରାଳ ସମେତ କୌଣସି ଦିନ ନଅ ଘଣ୍ଟାରୁ ଅଧିକ ହେବନାହିଁ ।

ବିଭାଜିତ କର୍ତ୍ତବ୍ୟକାଳ ।

17. ଏହି ଅଧିନିୟମରେ ଥିବା ଅନ୍ୟ ଉପବନ୍ଧମାନଙ୍କର ସାପେକ୍ଷ ହୋଇ କୌଣସି ମୋଟର ପରିବହନ ଶ୍ରମିକଙ୍କ କାର୍ଯ୍ୟ ସମୟ କୌଣସି ଦିନ ଦୁଇରୁ ଅଧିକ ପାଳିରେ ବିଭାଜିତ ହେବ ନାହିଁ ।

କାର୍ଯ୍ୟ ସମୟ ସମ୍ବନ୍ଧରେ ସୂଚନା ।

18. (1) କେଉଁ ସମୟ ମଧ୍ୟରେ ମୋଟର ପରିବହନ ଶ୍ରମିକଗଣଙ୍କୁ କାର୍ଯ୍ୟ କରିବାକୁ ଆବଶ୍ୟକ କରାଯିବ ପ୍ରତିଦିନ ପାଇଁ ତାହା ସ୍ପଷ୍ଟଭାବେ ଦର୍ଶାଇ କାର୍ଯ୍ୟ ସମୟର ଏକ ସୂଚନା ବିହିତ ହେବା ଫର୍ମରେ ଓ ରୀତିରେ ପ୍ରତ୍ୟେକ ନିୟୋଜକଙ୍କ ଦ୍ୱାରା ପ୍ରଦର୍ଶିତ କରାଯିବ ଓ ଶୁଦ୍ଧଭାବେ ଅନୁରକ୍ଷିତ ହେବ ।

(2) ଏହି ଅଧିନିୟମରେ ଅନ୍ତର୍ବିଷ୍ଟ ଅନ୍ୟ ଉପବନ୍ଧମାନଙ୍କର ସାପେକ୍ଷ ହୋଇ, ସେ ରୂପେ ପ୍ରଦର୍ଶିତ କାର୍ଯ୍ୟ ସମୟର ସୂଚନା ଅନୁସାରେ ହୋଇଥିବା ଭିନ୍ନ ଅନ୍ୟଥା କାର୍ଯ୍ୟ କରିବାକୁ ସେଭଳି କୌଣସି ମୋଟର ପରିବହନ ଶ୍ରମିକଙ୍କୁ ଆବଶ୍ୟକ କରାଯିବ ନାହିଁ ବା ଅନୁମତି ଦିଆଯିବ ନାହିଁ ।

ସାପ୍ତାହିକ ବିଶ୍ରାମ ।

19. (1) ରାଜ୍ୟ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ସାତ ଦିନର ପ୍ରତ୍ୟେକ କାଳାବଧିରେ ଗୋଟିଏ ବିଶ୍ରାମ ଦିନ ପାଇଁ ଉପବନ୍ଧିତ କରି ନିୟମାବଳୀ ପ୍ରଣୟନ କରି ପାରିବେ ଯାହାକି ସମସ୍ତ ମୋଟର ପରିବହନ ଶ୍ରମିକଙ୍କୁ ଅନୁଜ୍ଞାତ ହେବ ।

(2) ଉପଧାରା (1) ରେ ଯେ କୌଣସି ବିଷୟ ଥିବା ସତ୍ତ୍ୱେ, କୌଣସି ମୋଟର ପରିବହନ ସେବାର କୌଣସି ଅସ୍ତବ୍ୟସ୍ତତା ନିବାରଣ କରିବା ଉଦ୍ଦେଶ୍ୟରେ ନିଯୋଜକ କୌଣସି ମୋଟର ପରିବହନ ଶ୍ରମିକଙ୍କୁ ଅବକାଶ ଦିବସ ହୋଇ ନ ଥିବା କୌଣସି ବିଶ୍ରାମ ଦିନରେ କାର୍ଯ୍ୟ କରିବା ନିମିତ୍ତ ଆବଶ୍ୟକ କରିପାରିବେ, କିନ୍ତୁ ମଝିରେ ସଂପୂର୍ଣ୍ଣ ଦିନକ ପାଇଁ ଏକ ଅବକାଶ ବିନା ମୋଟର ପରିବହନ ଶ୍ରମିକ କ୍ରମାଗତ ଦଶ ଦିନରୁ ଅଧିକ କାର୍ଯ୍ୟ କରିବେ ନାହିଁ ।

(3) ଉପଧାରା (1) ରେ ଥିବା କୌଣସି ବିଷୟ ଯେଉଁ ମୋଟର ପରିବହନ ଶ୍ରମିକଙ୍କର ଛୁଟିରେ ବ୍ୟୟିତ କୌଣସି ଦିନ ସମେତ ନିୟୋଜନର ମୋଟ କାଳାବଧି ଛଅ ଦିନରୁ କମ୍ ହୁଏ ତାହାଙ୍କ ପ୍ରତି ଲାଗୁ ହେବନାହିଁ ।

**ପ୍ରତିକାରାତ୍ମକ ବିଶ୍ରାମ ଦିନ ।**

20. ଯେଉଁ ସ୍ଥଳେ ଧାରା 19ର ପ୍ରବର୍ତ୍ତନରୁ ଏହି ଅଧିନିୟମର ଉପବନ୍ଧ ଅଧୀନ କୌଣସି ନିୟୋଜକ ଅନୁଦତ୍ତ ଛାଡ଼ର ପରିଣାମ ସ୍ୱରୂପ କୌଣସି ମୋଟର ପରିବହନ ଶ୍ରମିକ ସେହି ଧାରା ଅଧୀନରେ ସେ ହକ୍‌ଦାର ଥିବା କୌଣସି ବିଶ୍ରାମ ଦିନରୁ ବଞ୍ଚିତ ହୁଅନ୍ତି ସେହି ସ୍ଥଳେ ସେହି ମୋଟର ପରିବହନ ଶ୍ରମିକଙ୍କୁ ବିଶ୍ରାମ ଦିନ ତାହାଙ୍କର ପ୍ରାପ୍ୟ ଥିବା ମାସ ମଧ୍ୟରେ ଅଥବା ସେହି ମାସର ଅବ୍ୟବହିତ ପରବର୍ତ୍ତୀ ଦୁଇମାସ ମଧ୍ୟରେ ଯେପରି ହାନି ହୋଇଥିବା ବିଶ୍ରାମ ଦିନ ସହ ସମାନ ସଂଖ୍ୟକ ପ୍ରତିକାରାତ୍ମକ ବିଶ୍ରାମ ଦିନ ଦିଆଯିବ ।

## ଅଧ୍ୟାୟ VI

### ଅଳ୍ପ ବୟସ୍କ ବ୍ୟକ୍ତିଙ୍କ ନିୟୋଜନ

**ଶିଶୁମାନଙ୍କ ନିୟୋଜନ ନିଷେଧ ।**

21. କୌଣସି ମୋଟର ପରିବହନ ଉଦ୍ୟୋଗରେ କୌଣସି ସାମର୍ଥ୍ୟରେ କାର୍ଯ୍ୟ କରିବାକୁ କୌଣସି ଶିଶୁଙ୍କୁ ଆବଶ୍ୟକ ବା ଅନୁଜ୍ଞାତ କରାଯିବ ନାହିଁ ।

**ମୋଟର ପରିବହନ ଶ୍ରମିକରୂପେ ନିୟୋଜିତ କିଶୋରଗଣ ନିଜ ପାଖରେ ଟୋକନ ରଖିବେ ।**

22. (କ) ଧାରା 23 ଅଧୀନରେ କୌଣସି କିଶୋରଙ୍କ ବିଷୟରେ ଅନୁଦତ୍ତ ଯୋଗ୍ୟତା ସଂପର୍କିତ କୌଣସି ପ୍ରମାଣପତ୍ର ନିୟୋଜକଙ୍କ ଅଭିରକ୍ଷାରେ ନ ଥିଲେ, ଏବଂ

(ଖ) ସେଭଳି କିଶୋର କାର୍ଯ୍ୟରେ ଥିଲାବେଳେ ସେଭଳି ପ୍ରମାଣପତ୍ର ଏକ ନିର୍ଦ୍ଦେଶ ଦେଇଥିବା ଏକ ଟୋକନ ସାଙ୍ଗରେ ବହନ କରୁ ନ ଥିଲେ,

ତାହାଙ୍କୁ କୌଣସି ମୋଟର ପରିବହନ ଉପକ୍ରମରେ କୌଣସି ମୋଟର ପରିବହନ ଶ୍ରମିକ ରୂପେ କାର୍ଯ୍ୟ କରିବା ନିମିତ୍ତ ଆବଶ୍ୟକ ବା ଅନୁଜ୍ଞାତ କରାଯିବ ନାହିଁ ।

**ଯୋଗ୍ୟତା ପ୍ରମାଣପତ୍ର ।**

23. (1) କୌଣସି କିଶୋର କୌଣସି ମୋଟର ପରିବହନ ଉପକ୍ରମରେ ମୋଟର ପରିବହନ ଶ୍ରମିକରୂପେ କାର୍ଯ୍ୟ କରିବାକୁ ଯୋଗ୍ୟ ପ୍ରମାଣିତ ହେଲେ ସେ ତହିଁରେ ନିୟୋଜିତ ହେବେ ବୋଲି ଏହି ମର୍ମେ କୌଣସି ନିୟୋଜକ ଅଥବା ତାହାଙ୍କ ପକ୍ଷରୁ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା କୌଣସି ଦସ୍ତାବିଜ ସହିତ କୌଣସି କିଶୋର ବା ତାହାଙ୍କ ପିତାମାତା ବା ଅଭିଭାବକଙ୍କ ଦ୍ୱାରା ଆବେଦନ କରାଗଲେ ଅଥବା କାର୍ଯ୍ୟ କରିବାକୁ ଇଚ୍ଛା କରୁଥିବା କୌଣସି କିଶୋରଙ୍କ ସଂପର୍କରେ ନିୟୋଜକ ବା ତାହାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଆବେଦନ କରାଗଲେ ପ୍ରମାଣକର୍ତ୍ତା ସର୍ଜନ ସେଭଳି ବ୍ୟକ୍ତିଙ୍କୁ ପରୀକ୍ଷା କରିବେ ଏବଂ ଏକ ମୋଟର ପରିବହନ ଶ୍ରମିକରୂପେ କାର୍ଯ୍ୟ କରିବାଲାଗି ତାହାଙ୍କ ଯୋଗ୍ୟତା ଅଭିନିଶ୍ଚିତ କରିବେ ।

(2) ଏହି ଧାରା ଅଧୀନରେ ଅନୁଦତ୍ତ କୌଣସି ଯୋଗ୍ୟତା ପ୍ରମାଣପତ୍ର ସେହି ତାରିଖଠାରୁ ବାରମାସର କାଳାବଧିଲାଗି ବିଧିମାନ୍ୟ ରହିବ ମାତ୍ର ତାହାର ନବୀକରଣ କରାଯାଇପାରିବ ।

(3) ଏହି ଧାରା ଅଧୀନ ପ୍ରମାଣପତ୍ର ଲାଗି ଦେୟ କୌଣସି ଫିସ ନିୟୋଜକଙ୍କ ଦ୍ୱାରା ସଂଦତ୍ତ କରାଯିବ ଏବଂ ସେହି କିଶୋର ତାଙ୍କର ପିତାମାତା ବା ଅଭିଭାବକଙ୍କଠାରୁ ତାହା ଅସୁଲ ଯୋଗ୍ୟ ହେବନାହିଁ ।

**ଚିକିତ୍ସୀୟ ପରୀକ୍ଷା ଆବଶ୍ୟକ କରାଯିବା ନିମିତ୍ତ କ୍ଷମତା ।**

24. ଯେଉଁଠାରେ କୌଣସି ନିରୀକ୍ଷକ ମନେ କରନ୍ତି ଯେ କୌଣସି ଯୋଗ୍ୟତା ପ୍ରମାଣପତ୍ର ବିନା କୌଣସି ମୋଟର ପରିବହନ ଉପକ୍ରମରେ କାର୍ଯ୍ୟ କରୁଥିବା କୌଣସି ମୋଟର ପରିବହନ ଶ୍ରମିକ ଜଣେ କିଶୋର ଅଟନ୍ତି ସେହିଠାରେ ସେଭଳି ମୋଟର ପରିବହନ ଶ୍ରମିକ କୌଣସି ପ୍ରମାଣକର୍ତ୍ତା ସର୍ଜନଙ୍କ ଦ୍ୱାରା ପରୀକ୍ଷା କରାଯିବ ବୋଲି ଆବଶ୍ୟକ କରି ଏକ ନୋଟିସ ନିୟୋଜକଙ୍କ ଉପରେ ନିରୀକ୍ଷକ ଜାରି କରିପାରିବେ ଏବଂ ଯଦି ନିରୀକ୍ଷକ ସେରୂପେ ନିର୍ଦ୍ଦେଶ ଦିଅନ୍ତି ତେବେ, ସେହି ମୋଟର ପରିବହନ ଶ୍ରମିକ ସେରୂପେ ପରୀକ୍ଷା ନ କରାଯିବା ପର୍ଯ୍ୟନ୍ତ ଓ ଧାରା 23 ଅଧୀନରେ କୌଣସି ଯୋଗ୍ୟତା ପ୍ରମାଣପତ୍ର ତାହାଙ୍କୁ ଅନୁଦତ୍ତ ନ କରାଯିବା ପର୍ଯ୍ୟନ୍ତ ସେ କୌଣସି ମୋଟର ପରିବହନ ଉଦ୍ୟୋଗରେ ନିୟୋଜିତ ହେବେ ନାହିଁ ବା କାର୍ଯ୍ୟ କରିବା ନିମିତ୍ତ ଅନୁଜ୍ଞାତ ହେବେ ନାହିଁ ।

## ଅଧ୍ୟାୟ VII

### ମଜୁରି ଓ ଛୁଟି

**ମୋଟର ପରିବହନ ଶ୍ରମିକଙ୍କୁ ମଜୁରି ସଂଦାୟ ନେଇ 1936ର ଅଧିନିୟମ 4 ଲାଗୁ ହେବ ।**

25. ତତ୍‌ସମୟ ଯଥା ପ୍ରବୃତ୍ତ ମଜୁରି ସଂଦାୟ ଅଧିନିୟମ, 1936 ଯେପରି ତାହା କୌଣସି ଶିଳ୍ପ ସଂସ୍ଥାରେ ଦେୟ ମଜୁରି ପ୍ରତି ଲାଗୁ ହୁଏ ସେହିପରି ମୋଟର ପରିବହନ ଉପକ୍ରମରେ କାର୍ଯ୍ୟରତ ମୋଟର ପରିବହନ ଶ୍ରମିକଙ୍କ ପ୍ରତି ଲାଗୁ ହେବ ସତେ ଯେପରି ଉକ୍ତ ଅଧିନିୟମ ତାହାର ଧାରା 1ର ଉପଧାରା (5) ଅଧୀନରେ ରାଜ୍ୟ ସରକାରଙ୍କ ଏକ ଅଧିସୂଚନା ଦ୍ୱାରା ସେଭଳି ମୋଟର ପରିବହନ ଶ୍ରମିକଙ୍କ ମଜୁରି ସଂଦାୟ ପ୍ରତି ବିସ୍ତାରିତ ହୋଇଅଛି ଏବଂ ସତେ ଯେପରି ଉକ୍ତ ଅଧିନିୟମର ଅର୍ଥ ମଧ୍ୟରେ କୌଣସି ମୋଟର ପରିବହନ ଉପକ୍ରମ ଏକ ଶିଳ୍ପ ସଂସ୍ଥା ଅଟେ ।

**ଅତିକାଳ ଲାଗି ଅତିରିକ୍ତ ମଜୁରି ।**

26. (1) ଯେଉଁଠାରେ କୌଣସି ବୟସ୍କ ମୋଟର ପରିବହନ ଶ୍ରମିକ ଧାରା 13ର ପ୍ରଥମ ପରନ୍ତୁକରେ ନିର୍ଦ୍ଦେଶିତ କୌଣସିଠାରେ କୌଣସି ଦିନ ଆଠ ଘଣ୍ଟାରୁ ଅଧିକ କାର୍ଯ୍ୟ କରନ୍ତି ଅଥବା ଯେଉଁଠାରେ ଧାରା 19ର ଉପଧାରା (2) ଅଧୀନରେ କୌଣସି ବିଶ୍ରାମ ଦିନ କାର୍ଯ୍ୟ କରିବା ନିମିତ୍ତ ତାହାଙ୍କୁ ଆବଶ୍ୟକ କରାଯାଏ ସେହିଠାରେ ଅତିକାଳ କାର୍ଯ୍ୟ ବା, ଯଥାସ୍ଥିତି, ବିଶ୍ରାମ ଦିନରେ କରାଯାଇଥିବା କାର୍ଯ୍ୟ ସଂକ୍ରାନ୍ତରେ ତାହାଙ୍କ ସାଧାରଣ ମଜୁରି ହାରର ଦୁଇଗୁଣ ହାରରେ ମଜୁରି ପାଇବାକୁ ସେ ହକ୍‌ଦାର ହେବେ ।

(2) ଯେଉଁଠାରେ କୌଣସି ବୟସ୍କ ମୋଟର ପରିବହନ ଶ୍ରମିକ ଧାରା 13ର ଦ୍ୱିତୀୟ ପରନ୍ତୁକରେ ନିର୍ଦ୍ଦେଶିତ କୌଣସିଠାରେ କୌଣସି ଦିନ ଆଠ ଘଣ୍ଟାରୁ ଅଧିକ କାର୍ଯ୍ୟ କରନ୍ତି ସେହିଠାରେ ବିହିତ ହେବା ହାରରେ ଅତିକାଳ କାର୍ଯ୍ୟ ସଂକ୍ରାନ୍ତରେ ମଜୁରି ପାଇବାକୁ ସେ ହକ୍‌ଦାର ହେବେ ।

(3) ଯେଉଁଠାରେ କୌଣସି କିଶୋର ମୋଟର ପରିବହନ ଶ୍ରମିକଙ୍କୁ ଧାରା 19ର ଉପଧାରା (2) ଅଧୀନରେ କୌଣସି ବିଶ୍ରାମ ଦିନ କାର୍ଯ୍ୟ କରିବା ନିମିତ୍ତ ଆବଶ୍ୟକ କରାଯାଏ ସେହିଠାରେ ସେ ବିଶ୍ରାମ ଦିନ କରାଯାଇଥିବା କାର୍ଯ୍ୟ ସଂକ୍ରାନ୍ତରେ ତାହାଙ୍କ ସାଧାରଣ ମଜୁରି ହାରର ଦୁଇଗୁଣ ହାରରେ ମଜୁରି ପାଇବାକୁ ହକ୍‌ଦାର ହେବେ ।

(4) ଏହି ଧାରାର ପ୍ରୟୋଜନ ନିମିତ୍ତ କୌଣସି ମୋଟର ପରିବହନ ଶ୍ରମିକଙ୍କ ସମ୍ପର୍କରେ "ସାଧାରଣ ମଜୁରି ହାର" ଅର୍ଥ ତାହାଙ୍କର ମୂଳ ମଜୁରି ଓ ତତ୍‌ସହ ମହଙ୍ଗା ଭତ୍ତା ।

**ମଜୁରି ସହିତ ବାର୍ଷିକ ଛୁଟି ।**

27. (1) ବିହିତ ହେବା ଅବକାଶ ଦିନପ୍ରତି ଆଖି ନ ଆଣି, କୌଣସି ପଞ୍ଜି ବର୍ଷ ମଧ୍ୟରେ କୌଣସି ମୋଟର ପରିବହନ ଉପକ୍ରମରେ ଦୁଇ ଶହ ଚାଳିଶ ଦିନର କୌଣସି କାଳାବଧି ଲାଗି କାର୍ଯ୍ୟ କରିଥିବା ପ୍ରତ୍ୟେକ ମୋଟର ପରିବହନ ଶ୍ରମିକଙ୍କୁ ପରବର୍ତ୍ତୀ ପଞ୍ଜି ବର୍ଷ ମଧ୍ୟରେ—

(କ) ଯଦି ବୟସ୍କ ହୋଇଥାଆନ୍ତି, ତେବେ ପୂର୍ବବର୍ତ୍ତୀ ପଞ୍ଜି ବର୍ଷ ମଧ୍ୟରେ ତାହାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ପ୍ରତି କୋଡ଼ିଏ ଦିନଲାଗି ଏକ ଦିନ; ଏବଂ

(ଖ) ଯଦି କିଶୋର ହୋଇଥାଆନ୍ତି ତେବେ ପୂର୍ବବର୍ତ୍ତୀ ପଞ୍ଜି ବର୍ଷ ମଧ୍ୟରେ ତାହାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ପ୍ରତି ପନ୍ଦର ଦିନଲାଗି ଏକ ଦିନ;

ହିସାବରେ ଗଣନା କରାଯାଇଥିବା ଦିନର ସଂଖ୍ୟାଲାଗି ମଜୁରି ସହିତ ଛୁଟି ଦିଆଯିବ ।

(2) ଯେଉଁ ମୋଟର ପରିବହନ ଶ୍ରମିକଙ୍କ ସେବା ଜାନୁଆରି ପହିଲା ଭିନ୍ନ ଅନ୍ୟଥା ପ୍ରାରମ୍ଭ ହୁଏ ଯଦି ସେ ପଞ୍ଜି ବର୍ଷର ଅବଶିଷ୍ଟାଂଶରେ ଥିବା ସମସ୍ତ ସଂଖ୍ୟକ ଦିନର ଦୁଇ ତୃତୀୟାଂଶଲାଗି କାର୍ଯ୍ୟ କରିଥାଆନ୍ତି ତେବେ ସେ ଉପଧାରା (1)ର ଖଣ୍ଡ (କ) ବା, ଯଥାସ୍ଥିତି, ଖଣ୍ଡ (ଖ)ରେ ଅଧିକଥିତ ହାରରେ ମଜୁରି ସହିତ ଛୁଟି ପାଇବାକୁ ହକ୍‌ଦାର ହେବେ ।

(3) ଯଦି କୌଣସି ମୋଟର ପରିବହନ ଶ୍ରମିକ ବର୍ଷ ମଧ୍ୟରେ ସେବାମୁକ୍ତ ବା ପଦଚ୍ୟୁତ କରାଯାଆନ୍ତି ତେବେ ସେ ଉପଧାରା (1) ବା ଉପଧାରା (2)ରେ ବିନିର୍ଦ୍ଦିଷ୍ଟ ସଂପୂର୍ଣ୍ଣ କାଳାବଧି ପାଇଁ ଯାହାକି ତାହାଙ୍କୁ ଅର୍ଜିତ ଛୁଟି ପ୍ରତି ହକ୍‌ଦାର କରେ, ସେ କାର୍ଯ୍ୟ କରି ନ ଥିଲେହେଁ ଉପଧାରା (1)ରେ ଅଧିକଥିତ ହାରରେ ମଜୁରି ସହିତ ଛୁଟି ପ୍ରତି ହକ୍‌ଦାର ହେବେ ।

(4) ଏହି ଧାରା ଅଧୀନରେ ଛୁଟି ଗଣନା କରିବାବେଳେ ଅର୍ଦ୍ଧେକ ବା ତତୋଧିକ ଦିନର ଛୁଟିର ଭାଗକୁ ଏକ ସଂପୂର୍ଣ୍ଣ ଦିନର ଛୁଟି ରୂପେ ବିବେଚନା କରାଯିବ ଏବଂ ଅର୍ଦ୍ଧେକ ଦିନରୁ କମ୍ ଭାଗକୁ ଛାଡ଼ି ଦିଆଯିବ ।

(5) ଯଦି କୌଣସି ମୋଟର ପରିବହନ ଶ୍ରମିକ ଉପଧାରା (1) ବା ଯଥାସ୍ଥିତି, ଉପଧାରା (2) ଅଧୀନରେ ତାହାଙ୍କୁ ଅନୁଜ୍ଞାତ ସଂପୂର୍ଣ୍ଣ ଛୁଟି କୌଣସି ଏକ ପଞ୍ଜି ବର୍ଷରେ ନ ନିଅନ୍ତି ତାହାହେଲେ ତାହାଙ୍କ ଦ୍ୱାରା ନ ନିଆଯାଇଥିବା ଛୁଟି ପରବର୍ତ୍ତୀ ପଞ୍ଜି ବର୍ଷରେ ତାହାଙ୍କୁ ଅନୁଜ୍ଞେୟ ଛୁଟିରେ ମିଶାଇ ଦିଆଯିବ:

ପରନ୍ତୁ କୌଣସି ପରବର୍ତ୍ତୀ ବର୍ଷକୁ ଅଗ୍ରନୀତ ହେବା ଛୁଟି ଦିନର ମୋଟ ସଂଖ୍ୟା କୌଣସି ବୟସ୍କଙ୍କ ସ୍ଥଳେ ତିରିଶରୁ ବା କୌଣସି କିଶୋରଙ୍କ ସ୍ଥଳେ ଚାଳିଶରୁ ଅଧିକ ହେବ ନାହିଁ ।

(6) ଏହି ଧାରାରେ ପଞ୍ଜିବର୍ଷ ଅର୍ଥ ଜାନୁଆରି ପହିଲାରେ ଆରମ୍ଭ ହେଉଥିବା ବର୍ଷ ।

ସ୍ପଷ୍ଟୀକରଣ:—ଏହି ଧାରାର ପ୍ରୟୋଜନ ନିମନ୍ତେ ଛୁଟି କାଳାବଧି ମଧ୍ୟରେ ହେଉ ବା ତାହାର କୌଣସି ପ୍ରାନ୍ତ ଭାଗରେ ହେଉ ସାପ୍ତାହିକ ଅବକାଶ କିମ୍ବା ଉତ୍ସବ ବା ସେପରି ଅନ୍ୟ ଅବସର ଲାଗି ଅବକାଶ ଛୁଟି ମଧ୍ୟରେ ଅନ୍ତର୍ଗତ ହେବ ନାହିଁ ।

ଛୁଟି କାଳାବଧି ମଧ୍ୟରେ ମଜୁରି ।

28. (1) ଧାରା 27 ଅଧୀନରେ କୌଣସି ମୋଟର ପରିବହନ ଶ୍ରମିକଙ୍କୁ ଅନୁଜ୍ଞାତ ଛୁଟି ପାଇଁ କୌଣସି ଅତିକାଳ ଉପାର୍ଜନ ଓ ବୋନସ ଥିଲେ ତାହାକୁ ବାଦ ଦେଇ ମାତ୍ର ମହଙ୍ଗା ଭତ୍ତା ଏବଂ ସେ କାର୍ଯ୍ୟ କରିଥିବା ଦିନ ପାଇଁ ନିୟୋଜକଙ୍କ ଦ୍ୱାରା ଖାଦ୍ୟଶସ୍ୟ ରିଆତି ଦରରେ ଯୋଗାଇ ଦିଆଯାଇଥିଲେ ତହିଁରୁ ଉଦ୍‌ଭୂତ ହେଉଥିବା ସୁବିଧା ସହିତ ସମତୁଲ୍ୟ ନଗଦ ଟଙ୍କାକୁ ଅନ୍ତର୍ଗତ କରି ତାହାଙ୍କ ଛୁଟିର ଅବ୍ୟବହିତ ପୂର୍ବ ମାସ ମଧ୍ୟରେ, ସେ କାର୍ଯ୍ୟ କରିଥିବା ଦିନଗୁଡ଼ିକ ଲାଗି, ତାହାଙ୍କ ମୋଟ ପୂର୍ଣ୍ଣକାଳିକ ମଜୁରିର ଦୈନିକ ହାରାହାରି ସହିତ ସମାନ ହାରରେ ତାହାଙ୍କୁ ସଂଦତ୍ତ କରାଯିବ ।

(2) ଧାରା 27 ଅଧୀନରେ ଅନ୍ୟୂନ ଚାରି ଦିନ ଲାଗି ଯେଉଁ ମୋଟର ପରିବହନ ଶ୍ରମିକଙ୍କୁ ଛୁଟି ଅନୁଜ୍ଞାତ କରାଯାଇଥାଏ ନିୟୋଜକଙ୍କୁ ଏତଦୁପଲକ୍ଷେ ତାହାଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ତାହାଙ୍କ ଛୁଟିର ଆରମ୍ଭ ପୂର୍ବରୁ ତାହାଙ୍କ ଛୁଟିର କାଳାବଧି ଲାଗି ତାହାଙ୍କୁ ଦେୟ ମଜୁରି ସହିତ ସମତୁଲ୍ୟ ଏକ ଆନୁମାନିକ ପରିମାଣ ଅଗ୍ରିମ ଆକାରରେ ସଂଦତ୍ତ କରାଯିବ ଏବଂ ଏ ରୂପେ ସଂଦତ୍ତ ପରିମାଣ ଛୁଟିର ପୂର୍ବୋକ୍ତ କାଳାବଧି ପାଇଁ ତାଙ୍କର ପ୍ରାପ୍ୟ ମଜୁରି ବାବଦକୁ ମଜୁରା କରାଯିବ ।

(3) ଯଦି କୌଣସି ମୋଟର ପରିବହନ ଶ୍ରମିକଙ୍କୁ ଧାରା 27ର ଉପଧାରା (3) ଅଧୀନରେ ସେ ହକଦାର ହେଉଥିବା ଛୁଟି ଅନୁଦତ୍ତ କରା ନ ଯାଏ ତେବେ ତାହା ବଦଳରେ ତାହାଙ୍କୁ ଉପଧାରା (1)ରେ ବିନିର୍ଦ୍ଦିଷ୍ଟ ହାରରେ ମଜୁରି ସଂଦତ୍ତ କରାଯିବ ।

## ଅଧ୍ୟାୟ VIII

### ଶାସ୍ତି ଓ ପ୍ରକ୍ରିୟା

ବାଧା

29. (1) ଯେ କେହି କୌଣସି ନିରୀକ୍ଷକଙ୍କୁ ଏହି ଅଧିନିୟମ ଅଧୀନରେ ତାହାଙ୍କ କର୍ତ୍ତବ୍ୟ ନିର୍ବହନରେ ବାଧା ଦିଅନ୍ତି ଅଥବା କୌଣସି ମୋଟର ପରିବହନ ଉପକ୍ରମ ସଂକ୍ରାନ୍ତରେ ଏହି ଅଧିନିୟମ ଅଧୀନରେ ବା ଅଧିନିୟମ ଦ୍ୱାରା ପ୍ରାଧିକୃତ କୌଣସି ନିରୀକ୍ଷଣ, ପରୀକ୍ଷା ବା ଯାଞ୍ଚ କରିବା ଲାଗି ନିରୀକ୍ଷକଙ୍କୁ କୌଣସି ଯୁକ୍ତି ଯୁକ୍ତ ସୁବିଧା ଦେବାକୁ ମନା କରନ୍ତି ବା ଜାଣିଶୁଣି ଅବହେଳା କରନ୍ତି ସେ ତିନି ମାସ ପର୍ଯ୍ୟନ୍ତ ବ୍ୟାପ୍ତ କାରାବାସରେ ଅଥବା ପାଞ୍ଚ ଶହ ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନାରେ ଅଥବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

(2) ଯେ କେହି ଏହି ଅଧିନିୟମର ଅନୁସରଣରେ ରଖାଯାଇଥିବା କୌଣସି ରେଜିଷ୍ଟର ବା ଅନ୍ୟ ଦଲିଲରୁ ନିରୀକ୍ଷକ ଦାବି କରିବା ପରେ ପେଶ କରିବାକୁ ଜାଣିଶୁଣି ମନା କରନ୍ତି ଅଥବା ଏହି ଅଧିନିୟମ ଅଧୀନରେ କୌଣସି ନିରୀକ୍ଷକଙ୍କ କର୍ତ୍ତବ୍ୟ ଅନୁସରଣରେ କାର୍ଯ୍ୟ କରୁଥିବା ନିରୀକ୍ଷକଙ୍କ ସମକ୍ଷରେ କୌଣସି

ବ୍ୟକ୍ତିଙ୍କୁ ହାଜର ହେବାକୁ ବା ତାହାଙ୍କ ଦ୍ୱାରା ପରୀକ୍ଷା କରାଯିବାକୁ ନିବାରିତ କରନ୍ତି ବା ନିବାରିତ କରିବାକୁ ପ୍ରଯନ୍ନ କରନ୍ତି ବା ଏପରି କୌଣସି କାର୍ଯ୍ୟ କରନ୍ତି ଯେ ନିବାରିତ କରିବା ସମ୍ଭାବ୍ୟ ବୋଲି ବିଶ୍ୱାସ କରିବାକୁ ତାହାଙ୍କର କୌଣସି କାରଣ ଥାଏ, ସେ ତିନି ମାସ ପର୍ଯ୍ୟନ୍ତ କାରାବାସରେ ଅଥବା ପାଞ୍ଚ ଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଅଥବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

**ମିଥ୍ୟା ଯୋଗ୍ୟତା ପ୍ରମାଣପତ୍ରର ଉପଯୋଗ ।**

30. ଯେ କେହି ଧାରା 23 ଅଧୀନରେ କୌଣସି ଅନ୍ୟ ବ୍ୟକ୍ତିଙ୍କୁ ଅନୁଦତ୍ତ କୌଣସି ଯୋଗ୍ୟତା ପ୍ରମାଣ ପତ୍ରକୁ ନିଜ ପାଇଁ ସେହି ଧାରା ଅଧୀନରେ ଅନୁଦତ୍ତ ପ୍ରମାଣପତ୍ର ରୂପେ ଜାଣିଶୁଣି ଉପଯୋଗ କରନ୍ତି ବା ଉପଯୋଗ କରିବାକୁ କୌଣସି ପ୍ରଯନ୍ନ କରନ୍ତି ଅଥବା ନିଜକୁ ଅନୁଦତ୍ତ ହୋଇଥିବା ସେଭଳି ଯୋଗ୍ୟତା ପ୍ରମାଣପତ୍ରକୁ ଜାଣିଶୁଣି ଅନ୍ୟ ବ୍ୟକ୍ତିଙ୍କୁ ଉପଯୋଗ କରିବାକୁ ଅନୁମତି ଦିଅନ୍ତି ବା କରିବା ପାଇଁ ପ୍ରଯନ୍ନ କରିବାକୁ ଦିଅନ୍ତି ସେ ଏକ ମାସ ପର୍ଯ୍ୟନ୍ତ କାରାବାସରେ ଅଥବା ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଅଥବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

**ମୋଟର ପରିବହନ ଶ୍ରମିକଙ୍କ ନିଯୋଜନ ବିଷୟକ ଉପବନ୍ଧ-ମାନଙ୍କର ଉଲ୍ଲଙ୍ଘନ ।**

31. ଯେ କେହି ଏହି ଅଧିନିୟମ ଦ୍ୱାରା ବା ଏହି ଅଧିନିୟମ ଅଧୀନରେ ଅନ୍ୟଥା ଅନୁଜ୍ଞାତ ହୋଇଥିବା ବ୍ୟତିରେକେ କୌଣସି ମୋଟର ପରିବହନ ଉପକ୍ରମରେ ବ୍ୟକ୍ତିମାନଙ୍କର ନିଯୋଜନକୁ ବାରଣ, ନିର୍ବନ୍ଧିତ ବା ବିନିୟମିତ କରୁଥିବା ଏହି ଅଧିନିୟମର ବା ତଦଧୀନ ପ୍ରଣୀତ କୌଣସି ନିୟମାବଳୀର କୌଣସି ଉପବନ୍ଧକୁ ଉଲ୍ଲଙ୍ଘନ କରନ୍ତି ସେ ତିନି ମାସ ପର୍ଯ୍ୟନ୍ତ କାରାବାସରେ ବା ପାଞ୍ଚ ଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ଏବଂ ଉଲ୍ଲଙ୍ଘନ ଚାଲୁ ରହିଥିବା ସ୍ଥଳେ ସେଭଳି ପ୍ରଥମ ଉଲ୍ଲଙ୍ଘନ ଲାଗି ହୋଇଥିବା ଦୋଷସିଦ୍ଧି ପରେ ଯେଉଁ ଦିନ ମଧ୍ୟରେ ସେପରି ଉଲ୍ଲଙ୍ଘନ ଚାଲୁ ରହିଥାଏ ସେପରି ପ୍ରତ୍ୟେକ ଦିନ ଲାଗି ପଞ୍ଚସ୍ତରି ଟଙ୍କା ପର୍ଯ୍ୟନ୍ତ ଏକ ଅତିରିକ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

**ଅନ୍ୟାନ୍ୟ ଅପରାଧ ।**

32. ଯେ କେହି କୌଣସି ନିର୍ଦ୍ଦେଶ ଦେବା ନିମିତ୍ତ ଏହି ଅଧିନିୟମ ଅଧୀନରେ କ୍ଷମତାପ୍ରାପ୍ତ କୌଣସି ବ୍ୟକ୍ତି ବା ପ୍ରାଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସେପରି ବିଧିସଙ୍ଗତ ନିର୍ଦ୍ଦେଶକୁ ଇଚ୍ଛାକୃତଭାବେ ଅବଜ୍ଞା କରନ୍ତି ଅଥବା ଏହି ଅଧିନିୟମର ବା ତଦଧୀନ ପ୍ରଣୀତ କୌଣସି ନିୟମାବଳୀର ଉପବନ୍ଧମାନଙ୍କ ମଧ୍ୟରୁ କୌଣସିଟିକୁ ଯାହା ପାଇଁ ଏହି ଅଧିନିୟମ ଦ୍ୱାରା ବା ଏହି ଅଧିନିୟମ ଅଧୀନରେ କୌଣସି ଶାସ୍ତି ଅନ୍ୟତ୍ର ଉପବନ୍ଧିତ କରାଯାଇ ନ ଥାଏ, ଉଲ୍ଲଙ୍ଘନ କରନ୍ତି ସେ ତିନି ମାସ ପର୍ଯ୍ୟନ୍ତ କାରାବାସରେ ବା ପାଞ୍ଚ ଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

**ପୂର୍ବ ଦୋଷସିଦ୍ଧି ପରେ ବର୍ଦ୍ଧିତ ଶାସ୍ତି ।**

33. ଯଦି ଏହି ଅଧିନିୟମ ଅଧୀନରେ ଦଣ୍ଡନୀୟ କୌଣସି ଅପରାଧ ଲାଗି ଦୋଷସିଦ୍ଧ ହୋଇଥିବା କୌଣସି ବ୍ୟକ୍ତି ସେହି ଉପବନ୍ଧର କୌଣସି ଉଲ୍ଲଙ୍ଘନ ସଂକ୍ରାନ୍ତ କୌଣସି ଅପରାଧ ସମ୍ପର୍କରେ ପୁଣି ଦୋଷୀ ହୁଅନ୍ତି ତେବେ ସେ କୌଣସି ପରବର୍ତ୍ତୀ ଦୋଷସିଦ୍ଧି ନିମିତ୍ତ ଛଅ ମାସ ପର୍ଯ୍ୟନ୍ତ କାରାବାସରେ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ :

ପରନ୍ତୁ ଯେଉଁ ଅପରାଧ ଲାଗି ଦଣ୍ଡ ଦିଆଯାଉଛି ତାହା କରିବାର ଦୁଇ ବର୍ଷରୁ ଅଧିକ ପୂର୍ବରୁ କରାଯାଇଥିବା କୌଣସି ଦୋଷସିଦ୍ଧିର ଏହି ଧାରାର ପ୍ରୟୋଜନ ନିମିତ୍ତ ସଂଜ୍ଞାନ କରାଯିବ ନାହିଁ ।

**କମ୍ପାନି ଦ୍ୱାରା ଅପରାଧ ।**

34. (1) ଯଦି ଏହି ଅଧିନିୟମ ଅଧୀନରେ କୌଣସି ଅପରାଧ କରୁଥିବା ବ୍ୟକ୍ତି କୌଣସି କମ୍ପାନୀ ହୋଇଥାଏ ତାହାହେଲେ ସେହି କମ୍ପାନୀ ତଥା ଅପରାଧ କରାଯିବା ସମୟରେ କମ୍ପାନିର କାରବାର ସଞ୍ଚାଳନା ଲାଗି କମ୍ପାନିରୁ ଭାରପ୍ରାପ୍ତ ବା ତାହା ପ୍ରତି ଦାୟୀଥିବା ପ୍ରତ୍ୟେକ ବ୍ୟକ୍ତି ସେହି ଅପରାଧରେ ଦୋଷୀ ବିବେଚିତ ହେବେ ଏବଂ ତାହାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯିବ ଓ ତଦନୁସାରେ ଦଣ୍ଡିତ ହେବା ଲାଗି ସେ ଦାୟି ରହିବେ :

ପରନ୍ତୁ ଏହି ଉପଧାରାରେ ଥିବା କୌଣସି ବିଷୟ କୌଣସି ବ୍ୟକ୍ତିଙ୍କୁ କୌଣସି ଦଣ୍ଡ ପାଇଁ ଦାୟୀ କରିବ ନାହିଁ ଯଦି ସେ ପ୍ରମାଣ କରନ୍ତି ଯେ ତାଙ୍କ ଅଜ୍ଞାତରେ ଅପରାଧ ଘଟିଥିଲା କିମ୍ବା ସେପରି ଅପରାଧ ଘଟିବାରେ ବାଧା ଦେବାକୁ ସେ ସମ୍ୟକ ତତ୍ପରତା ପ୍ରୟୋଗ କରିଥିଲେ ।

(2) ଉପଧାରା (1) ରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ ଯେଉଁ ସ୍ଥଳେ ଏହି ଅଧିନିୟମ ଅଧୀନରେ କୌଣସି ଅପରାଧ କୌଣସି କମ୍ପାନି ଦ୍ୱାରା କରାଯାଇଥାଏ ଏବଂ ଏହା ପ୍ରମାଣିତ ହୁଏ ଯେ ସେହି ଅପରାଧ କମ୍ପାନିର କୌଣସି ଡାଇରେକଟର, ମେନେଜର, ମେନେଜିଂ ଏଜେଣ୍ଟ ବା ଅନ୍ୟ କୌଣସି ଅଧିକାରୀଙ୍କ ସମ୍ମତି ବା ମୌନାନୁକୂଲତାରେ କରାଯାଇଅଛି କିମ୍ବା ତାହା ତାହାଙ୍କ ପକ୍ଷରେ କୌଣସି ଅବହେଳା ଯୋଗୁ ଘଟିଅଛି

ବୋଲି ଆରୋପ ହୁଏ ସେହି ସ୍ଥଳେ ସେଭଳି ଡାଇରେକଟର, ମେନେଜର, ମେନେଜିଂ ଏଜେଣ୍ଟ ବା ସେଭଳି ଅନ୍ୟ ଅଧିକାରୀ ମଧ୍ୟ ସେହି ଅପରାଧରେ ଦୋଷୀ ବିବେଚିତ ହେବେ ଏବଂ ତାହାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯିବ ଓ ତଦନୁସାରେ ଦଣ୍ଡିତ ହେବା ଲାଗି ସେ ଦାୟୀ ରହିବେ ।

ସ୍ପଷ୍ଟୀକରଣ—ଏହି ଧାରାର ପ୍ରୟୋଜନ ନିମିତ୍ତ—

(କ) "କମ୍ପାନୀ" ଅର୍ଥ କୌଣସି ନିଗମ ନିକାୟ ଏବଂ କୌଣସି ଫାର୍ମ ବା ବ୍ୟକ୍ତିବିଶେଷଙ୍କର ଅନ୍ୟ ସଂସ୍ଥା ତହିଁର ଅନ୍ତର୍ଗତ, ଏବଂ

(ଖ) କୌଣସି ଫାର୍ମ ସଂକ୍ରାନ୍ତରେ "ଡାଇରେକ୍ଟର" ଅର୍ଥ ସେହି ଫାର୍ମର କୌଣସି ଭାଗୀଦାର ।

ଅପରାଧର ସଂଜ୍ଞାନ ।

35. କୌଣସି ନ୍ୟାୟାଳୟ, ନିରୀକ୍ଷକଙ୍କ ଦ୍ୱାରା ଅଥବା ତାହାଙ୍କ ଲିଖିତ ମଞ୍ଜୁରି କ୍ରମେ କରାଯାଇଥିବା ଅଭିଯୋଗ ଉପରେ ହୋଇଥିବା ବ୍ୟତିରେକେ ଏହି ଅଧିନିୟମ ଅଧୀନ କୌଣସି ଅପରାଧର ସଂଜ୍ଞାନ କରିବେ ନାହିଁ ଏବଂ ପ୍ରେସିଡେନ୍ସି ମାଜିଷ୍ଟ୍ରେଟ ବା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ନ୍ୟାୟାଳୟଠାରୁ ନ୍ୟୂନ କୌଣସି ନ୍ୟାୟାଳୟ ଏହି ଅଧିନିୟମ ଅଧୀନରେ ଦଣ୍ଡନୀୟ କୌଣସି ଅପରାଧର ବିଚାର କରିବେ ନାହିଁ ।

ଅଭିଯୋଜନର ପରିସୀମା ।

36. ଏହି ଅଧିନିୟମ ଅଧୀନ ଏକ ଅପରାଧର ଅଭିକଥିତ ଘଟଣା କୌଣସି ନିରୀକ୍ଷକଙ୍କ ଜ୍ଞାତସାରକୁ ଆସିବାର ତିନି ମାସ ମଧ୍ୟରେ ତତ୍ ସମ୍ପର୍କୀୟ ଅଭିଯୋଗ ଦାଏର ହୋଇ ନ ଥିଲେ କୌଣସି ନ୍ୟାୟାଳୟ ସେଭଳି ଅପରାଧର ସଂଜ୍ଞାନ କରିବେ ନାହିଁ :

ପରନ୍ତୁ ଯେଉଁସ୍ଥଳେ ସେହି ଅପରାଧ ନିରୀକ୍ଷକଙ୍କ ଦ୍ୱାରା ଦିଆଯାଇଥିବା କୌଣସି ଲିଖିତ ଆଦେଶର ଅବଜ୍ଞା କରିବାଯୋଗୁ ହୋଇଥାଏ ସେହିସ୍ଥଳେ ଯେଉଁ ତାରିଖରେ ଅପରାଧ କରାଯାଇଥିବା ଅଭିକଥିତ ହୁଏ, ସେହି ତାରିଖର ଛଅମାସ ମଧ୍ୟରେ, ତାହାର ଅଭିଯୋଗ କରାଯାଇ ପାରିବ ।

## ଅଧ୍ୟାୟ IX

### ବିବିଧ

ଏହି ଅଧିନିୟମ ସହିତ ଅସଙ୍ଗତ ଥିବା ବିଧି ଓ କରାରଗୁଡ଼ିକର ପ୍ରଭାବ ।

37. (1) ଅନ୍ୟ କୌଣସି ବିଧିରେ ବା ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ବା ପରେ କରାଯାଇଥିବା କୌଣସି ଅଧିନିର୍ଣ୍ଣୟ, କରାର ବା ସେବା ସଂବିଦାର ସର୍ତ୍ତାବଳୀରେ ଏଥି ସହିତ ଅସଙ୍ଗତ କୌଣସି ବିଷୟ ଥିବା ସତ୍ତ୍ୱେ ଏହି ଅଧିନିୟମର ଉପବନ୍ଧମାନ ପ୍ରଭାବୀ ହେବ :

ପରନ୍ତୁ ଯେଉଁସ୍ଥଳେ ସେପରି କୌଣସି ଅଧିନିର୍ଣ୍ଣୟ, କରାର ବା ସେବା ସଂବିଦା ଅଧୀନରେ ବା ଅନ୍ୟଥା କୌଣସି ମୋଟର ପରିବହନ ଶ୍ରମିକ କୌଣସି ବିଷୟ ସଂକ୍ରାନ୍ତରେ ଏହି ଅଧିନିୟମ ଅଧୀନରେ ସେ ହକ୍‌ଦାର ଥିବା ଅପେକ୍ଷା ତାଙ୍କୁ ଅଧିକତର ଅନୁକୂଳ ହେଉଥିବା ପ୍ରସୁବିଧା ପ୍ରତି ହକ୍‌ଦାର ଅଟନ୍ତି ସେହିସ୍ଥଳେ ଏହି ଅଧିନିୟମ ଅଧୀନରେ ଅନ୍ୟ ବିଷୟ ସଂକ୍ରାନ୍ତରେ ସେ ପ୍ରସୁବିଧା ପାଉଥିବା ସତ୍ତ୍ୱେ ସେହି ବିଷୟ ସଂକ୍ରାନ୍ତରେ ଅଧିକ ଅନୁକୂଳ ସୁବିଧା ପ୍ରତି ହକ୍‌ଦାର ହୋଇ ରହିବେ ।

(2) ଏହି ଅଧିନିୟମରେ ଥିବା କୌଣସି ବିଷୟ, କୌଣସି ମୋଟର ପରିବହନ ଶ୍ରମିକ ତାଙ୍କର ନିୟୋଜକଙ୍କ ସହ କୌଣସି ବିଷୟ ସଂକ୍ରାନ୍ତରେ ଏହି ଅଧିନିୟମ ଅଧୀନରେ ସେ ହକ୍‌ଦାର ଥିବା ଅପେକ୍ଷା ଅଧିକ ଅନୁକୂଳ ହେଉଥିବା ଅଧିକାର ବା ବିଶେଷାଧିକାର ତାଙ୍କୁ ଦେବାପାଇଁ କୌଣସି କରାର କରିବାରେ ଏହି ଅଧିନିୟମରେ ଥିବା କୌଣସି ବିଷୟ ତାହାଙ୍କୁ ପ୍ରବାରିତ କରୁଅଛି ବୋଲି ବୁଝାଯିବ ନାହିଁ ।

ଛାଡ

38. (1) ଏହି ଅଧିନିୟମରେ ଥିବା କୌଣସି ବିଷୟ—

(i) ରୁଗ୍ଣ ବା ଆହତ ବ୍ୟକ୍ତିମାନଙ୍କ ପରିବହନ ଲାଗି ବ୍ୟବହୃତ;

(ii) ଭାରତର ସୁରକ୍ଷା, କୌଣସି ରାଜ୍ୟର ସୁରକ୍ଷା ବା ସାଧାରଣ ଶୃଙ୍ଖଳା ରକ୍ଷା କରିବା ସମ୍ପର୍କିତ କୌଣସି ପ୍ରୟୋଜନରେ ବ୍ୟବହୃତ......

କୌଣସି ପରିବହନ ଯାନ ପ୍ରତି ବା ତାହା ସମ୍ବନ୍ଧରେ ଲାଗୁ ହେବ ନାହିଁ ।

(2) ଉପଧାରା (1)ର ଉପବନ୍ଧମାନଙ୍କ ପ୍ରତି ଆଞ୍ଚ ନ ଆଣି ରାଜ୍ୟ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ନିର୍ଦ୍ଦେଶ ଦେଇ ପାରିବେ ଯେ ସେହି ଅଧିସୂଚନାରେ କୌଣସି ସର୍ତ୍ତ ଓ ନିର୍ବନ୍ଧନ ବିନିର୍ଦ୍ଦିଷ୍ଟ ହୋଇଥିଲେ ତହିଁର ସାପେକ୍ଷ ହୋଇ ଏହି ଅଧିନିୟମର ବା ତଦଧୀନ ପ୍ରଣୀତ ନିୟମାବଳୀର ଉପବନ୍ଧମାନ—

(i) କୌଣସି ମୋଟର ପରିବହନ ଉଦ୍ୟୋଗରେ ରାଜ୍ୟ ସରକାରଙ୍କ ଅଭିମତରେ ପର୍ଯ୍ୟବେକ୍ଷଣ ବା ପରିଚାଳନା ସଂପର୍କିତ ପଦ ଧାରଣ କରିଥିବା କୌଣସି ମୋଟର ପରିବହନ ଶ୍ରମିକଙ୍କ ପ୍ରତି ;

(ii) କୌଣସି ଅଂଶକାଳୀନ ମୋଟର ପରିବହନ ଶ୍ରମିକଙ୍କ ପ୍ରତି; ଓ

(iii) କୌଣସି ଶ୍ରେଣୀର ନିୟୋଜକଙ୍କ ପ୍ରତି ଲାଗୁହେବ ନାହିଁ :

ପରନ୍ତୁ ଏହି ଉପଧାରା ଅଧୀନରେ କୌଣସି ଆଦେଶ ଜାରି କରାଯିବା ପୂର୍ବରୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ତାହାର ଏକ ନକଲ ପଠାଇବେ ।

**ନିର୍ଦ୍ଦେଶ ଦେବା କ୍ଷମତା ।**

39. କେନ୍ଦ୍ର ସରକାର କୌଣସି ରାଜ୍ୟ ସରକାରଙ୍କୁ ସେହି ରାଜ୍ୟରେ ଏହି ଅଧିନିୟମରେ ଥିବା ଉପବନ୍ଧମାନଙ୍କୁ କାର୍ଯ୍ୟକାରୀ କରିବା ନିମିତ୍ତ ନିର୍ଦ୍ଦେଶ ଦେଇ ପାରିବେ ।

**ନିୟମାବଳୀ ପ୍ରଣୟନ କରିବା କ୍ଷମତା ।**

40. (1) ରାଜ୍ୟ ସରକାର ପୂର୍ବ ପ୍ରକାଶନର ସର୍ତ୍ତ ପ୍ରତି ସାପେକ୍ଷ ହୋଇ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ପ୍ରୟୋଜନମାନ କାର୍ଯ୍ୟାନ୍ୱିତ କରିବାକୁ ନିୟମାବଳୀ ପ୍ରଣୟନ କରିପାରିବେ :

ପରନ୍ତୁ ସାଧାରଣ ଖଣ୍ଡ ଅଧିନିୟମ, 1897 ର ଧାରା 23 ର ଖଣ୍ଡ (3) ଅଧୀନରେ ବିନିର୍ଦ୍ଦିଷ୍ଟ ହେବା ତାରିଖ ପ୍ରସ୍ତାବିତ ନିୟମାବଳୀର ଚିଠା ପ୍ରକାଶିତ କରାଯାଇଥିବା ତାରିଖଠାରୁ ଛଅ ସପ୍ତାହରୁ କମ୍ ହେବ ନାହିଁ ।

(2) ବିଶେଷତଃ ଏବଂ ପୂର୍ବବର୍ତ୍ତୀ କ୍ଷମତାର ବ୍ୟାପକତା ପ୍ରତି ଆଞ୍ଚ ନ ଆଣି ଏଭଳି ନିୟମାବଳୀ ନିମ୍ନଲିଖିତ ବିଷୟରେ ଉପବନ୍ଧିତ କରିପାରିବ;—

(କ) କୌଣସି ମୋଟର ପରିବହନ ଉଦ୍ୟୋଗର ରେଜିଷ୍ଟ୍ରୀକରଣ ଲାଗି ଆବେଦନର ଫର୍ମ, ସେଭଳି ଆବେଦନ କେଉଁ ସମୟ ମଧ୍ୟରେ ଓ କେଉଁ ପ୍ରାଧିକାରୀଙ୍କୁ ଦିଆଯିବ ;

(ଖ) ମୋଟର ପରିବହନ ଉଦ୍ୟୋଗ ସମ୍ପର୍କରେ ରେଜିଷ୍ଟ୍ରୀକରଣ ପ୍ରମାଣପତ୍ରର ଅନୁଦାନ ଏବଂ ସେପରି ରେଜିଷ୍ଟ୍ରୀକରଣ ଲାଗି ଦେୟ ଫିସ୍ ;

(ଗ) ମୁଖ୍ୟ ନିରୀକ୍ଷକ ଓ ନିରୀକ୍ଷକଙ୍କ ବିଷୟରେ ଆବଶ୍ୟକ ଯୋଗ୍ୟତା ;

(ଘ) ନିରୀକ୍ଷକଙ୍କ ଦ୍ୱାରା କେଉଁ କ୍ଷମତା ପ୍ରୟୋଗ କରାଯାଇ ପାରିବ ଏବଂ କେଉଁ ରୀତିରେ ସେପରି କ୍ଷମତା ପ୍ରୟୋଗ କରାଯାଇ ପାରିବ ।

(ଙ) ପ୍ରମାଣକର୍ତ୍ତା ସର୍ଜନଙ୍କ ଦ୍ୱାରା ପ୍ରୟୋଗ କରାଯିବା ଚିକିତ୍ସୀୟ ପର୍ଯ୍ୟବେକ୍ଷଣ ;

(ଚ) ମୁଖ୍ୟ ନିରୀକ୍ଷକ ବା ନିରୀକ୍ଷକଙ୍କର କୌଣସି ଆଦେଶ ବିରୁଦ୍ଧରେ ଅପିଲ ଏବଂ କେଉଁ ଫର୍ମରେ କେଉଁ ସମୟ ମଧ୍ୟରେ ତଥା କେଉଁ ପ୍ରାଧିକାରୀଙ୍କୁ ସେପରି ଅପିଲ କରାଯାଇପାରିବ ;

(ଛ) କେଉଁ ସମୟ ମଧ୍ୟରେ, ଉପବନ୍ଧିତ କରାଯିବା ଓ ଅନୁରକ୍ଷିତ ହେବା ଲାଗି ଏହି ଅଧିନିୟମ ଦ୍ୱାରା ଆବଶ୍ୟକ ସୁବିଧାମାନ, ସେ ରୂପେ ଉପବନ୍ଧିତ କରାଯାଇପାରିବ ;

(ଜ) ମୋଟର ପରିବହନ ଶ୍ରମିକଙ୍କ ଲାଗି କେଉଁ ଚିକିତ୍ସା ସୁବିଧାମାନ ଦିଆଯିବା ଉଚିତ;

(ଝ) ପ୍ରଥମୋପଚାର ବାକ୍ସରେ କେଉଁ ପ୍ରକାର ଉପକରଣ ରଖାଯିବା ଉଚିତ ;

(ଞ) କେଉଁ ରୀତିରେ ବିହିତ ପ୍ରାଧିକାରୀଙ୍କ ଦ୍ୱାରା ବହୁ ଦୂର ମାର୍ଗଗୁଡ଼ିକ, ଉତ୍ସବ ଓ ଅନ୍ୟାନ୍ୟ ଅବସର ଦିନ ଅଧିସୂଚିତ କରାଯିବ ;

(ଟ) କେଉଁ ସର୍ତ୍ତ ଓ ନିର୍ବନ୍ଧନ ପ୍ରତି ସାପେକ୍ଷ ହୋଇ ଧାରା 13 ର ଦ୍ୱିତୀୟ ପରନ୍ତୁକରେ ନିର୍ଦ୍ଦେଶିତ କୌଣସି ସ୍ଥଳେ କୌଣସି ଦିନ ଆଠ ଘଣ୍ଟାରୁ ଅଧିକ ବା କୌଣସି ସପ୍ତାହରେ ଅଠଚାଳିଶ ଘଣ୍ଟାରୁ ଅଧିକ ସମୟ ଲଗି କାର୍ଯ୍ୟକରିବାକୁ କୌଣସି ମୋଟର ପରିବହନ ଶ୍ରମିକଙ୍କୁ ଆବଶ୍ୟକ ବା ଅନୁଜ୍ଞାତ କରାଯାଇପାରିବ ;

(ଠ) କେଉଁ ଫର୍ମରେ ଓ କେଉଁ ରୀତିରେ କାର୍ଯ୍ୟ ସମ୍ପର୍କିତ କାଳାବଧିର ନୋଟିସ ପ୍ରଦର୍ଶିତ କରାଯିବ ଓ ଅନୁରକ୍ଷିତ ହେବ ;

(ଡ) ଧାରା 13 ର ଦ୍ୱିତୀୟ ପରନ୍ତୁକରେ ନିର୍ଦ୍ଦେଶିତ କୌଣସି ସ୍ଥଳେ କୌଣସି ମୋଟର ପରିବହନ ଶ୍ରମିକଙ୍କ ଦ୍ୱାରା କରଯାଇଥିବା ଅତିକାଳ କାର୍ଯ୍ୟ ସମ୍ପର୍କରେ ଅତିରିକ୍ତ ମଜୁରିର ହାର;

(ଢ) ନିୟୋଜକମାନଙ୍କ ଦ୍ୱାରା କେଉଁ କେଉଁ ରେଜିଷ୍ଟର ରଖାଯିବା ଉଚିତ ଏବଂ ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ ରାଜ୍ୟ ସରକାରଙ୍କ ଅଭିମତରେ ଆବଶ୍ୟକ ହେବା ବିବରଣ ଯାହାକି ହୁଏତ ଅସାମୟିକ ଭବେ ବା ସାମୟିକ ଭବେ ଆବଶ୍ୟକ କରାଯାଏ ; ଏବଂ

(ଣ) ବିହିତ କରାଯିବା ବା କରାଯାଇ ପାରିବା ଅନ୍ୟ ଯେକୌଣସି ବିଷୟ ।

Section 40, sub-section (3), M. T. W. Act.

ଏହି ଅଧିନିୟମ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ ପ୍ରଣୀତ ହେବା ପରେ ପରେ ଯଥାସମ୍ଭବ ଶୀଘ୍ର ରାଜ୍ୟ ବିଧାନ ମଣ୍ଡଳ ସମ୍ମୁଖରେ ଉପସ୍ଥାପିତ ହେବ ।